## ଜୁଆ ଆଡ୍ଡା ଉପରେ ପୋଲିସ ଚଢାଉ, ୪ ଗିରଫ

କୁଚିଣ୍ଡା,(ଡି.ଏନ.ଏ.): ମହୁଲପାଲି ଥାନା ତୁରେଇ ପଞ୍ଚାୟତ କୁର୍ମୁଲୋଇ ଜଙ୍ଗଲରେ ଚାଲିଥିବା ଜୁଆ ଖେଳ ଉପରେ ପୋଲିସ ଚଢାଉ କରି ୪ ଜଣଙ୍କୁ ଗିରଫ କରିଛି। ଏହାସହ ଜୁଆଖେଳରେ ବ୍ୟବହୃତ ସରଞ୍ଜାମ ଓ ନଗଦ ୨୧୩୦ଟଙ୍କା ଜବତ ହୋଇଛି। ଏ ନେଇ ଥାନାରେ ମାମଲା (ନଂ୧୬୬/୨୧) ରୁଜୁକରି ପୋଲିସ ଗିରଫ ଅଭିଯୁକ୍ତ କହ୍ଲାପଡା ଗ୍ରାମର ସୁରଜ ନାଏକ (୨୪), ଉଲଣ୍ଡା ଗ୍ରାମର ଅଜୟ ସାଏ(୨୦), ଗୋଛରା ଗ୍ରାମର ବିଜୟ କିସାନ(୨୫) ଓ ସର୍ଗିଡିହି ଗ୍ରାମର ସମିର ନାୟକ(୩୪)ଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଥାନା ଏସ୍ଆଇ ଦିଲିପ ବେହେରା ଓ ଏଏସ୍ଆଇ ଅଞ୍ଜନ କୁମାରଙ୍କ ନେତୃତ୍ୱରେ ପୋଲିସ ଟିମ୍ ଚଢାଉ କରିଥିଲେ।

## ୨୬୪ କେଜି ଗଞ୍ଜେଇ ଜବତ

ସମ୍ବଲପୁର,୨୪।୧୨(ବ୍ୟୁରୋ)

ଯୁଯୁମୁରା ପୋଲିସ ପିକ୍ଅପ ଭ୍ୟାନ ସହ ଏଥିରେ ଥିବା ୨୬୪କେଜି ଗଞ୍ଜେଇ ଜବତ କରିଛି। ଏଥିରେ ଗାଡି ମାଲିକ ଉତ୍ତର ପ୍ରଦେଶ ପ୍ରୟାଗରାଜ କୋଶଫର ଗ୍ରାମର ଅଜୟ ପ୍ରତାପ ସିଂ ଓ ଡ୍ରାଇଭରଙ୍କ ନାମରେ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ ଗୁରୁବାର ସନ୍ଧ୍ୟାରେ ଥାନା ଅଧିକାରୀ ରାଜକୁମାର ବିଶ୍ୱାଳଙ୍କ ନେତୃତ୍ୱରେ ପୋଲିସ ଟିମ୍ ଯୁଯୁମୁରା ତହସିଲ ଅଫିସ ସମ୍ମୁଖ ରାସ୍ତାରେ ଯାଞ୍ଚ କରୁଥିଲା। ଏହି ସମୟରେ ଏକ ପିକ୍ଅପ୍ ଭ୍ୟାନ (ୟୁପି୭୦ଜେଟି-୮୪୬୩) ଚାରମାଲ ପଟୁ ସମ୍ବଲପୁର ଆଡକୁ ଯାଉଥିବାବେଳେ ଯାଞ୍ଚ ଦେଖି କିଛି ଦୂରରେ ଅଟକିଥିଲା। ଡ୍ରାଇଭର ଗାଡି ଛାଡି ଫେରାର ହୋଇଯାଇଥିଲେ। ପୋଲିସ ଟିମ୍ ଯାଞ୍ଚ କରିବାରୁ ବସ୍ତାରେ ଗଞ୍ଜେଇ ଥିବା ଦେଖିଥିଲେ। ଯୁଯୁମୁରା ତହସିଲଦାର ଅଭିଷେକ ସାହୁଙ୍କ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିଲେ।

# 'ମିଲର୍ସଙ୍କ ଦୟାରେ ଧାନ କିଣାବିକା'

ସମ୍ବଲପୁର,୨୪।୧୨(ବ୍ୟୁରୋ)



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଚାଷୀଙ୍କ ବିକ୍ଷୋଭ।

ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଧାନ ସଂଗ୍ରହ ନୀତି ଓ ସମ୍ବଲପୁର ଜିଲା ପ୍ରଶାସନର ଅବହେଳା ଯୋଗୁ ଆଜି ଚାଷୀ ଧାନ ବିକ୍ରିରେ ସମସ୍ୟା ଭୋଗୁଛି। ଜିଲାପାଳଙ୍କ ପାଖରେ ଅଭିଯୋଗ କଲାପରେ ମଧ୍ୟ ମିଲର୍ସଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ସବୁ ମାର୍କେଟରେ ସେମାନଙ୍କର ରାଜୁତି ଚାଲିଛି। ଲାଗୁଛି ଯେପରି ଜିଲାରେ ମିଲର୍ସଙ୍କ ଦୟାରେ ଧାନ କିଣାବିକା ହେଉଛି ବୋଲି ଶୁକ୍ରବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଜିଲା କୃଷକ ସଙ୍ଗଠନ କର୍ମକର୍ତ୍ତା ପ୍ରକାଶ କରିଛନ୍ତି।

ସେମାନେ ଆହୁରି କହିଥିଲେ, ଜିଲାରେ ବିଳମ୍ବରେ ଧାନ ସଂଗ୍ରହ ଆରମ୍ଭ ହୋଇଛି। ଏବେ ଅଣ ଜଳସେଚିତ ଅଞ୍ଚଳରେ ଅମଳ ଧାନ ପଡିରହିଛି। ଧାନ ବିକ୍ରି କରିବାକୁ ଗଲେ ଏଜେନ୍ସି ସମବାୟ ସମିତି ଓ ଆର୍ଏମ୍ସି ମିଲକୁ ପଠାଇ ଦେଉଛନ୍ତି। ଚାଷୀ ମିଲ ଭିତରକୁ ଧାନ ଗାଡି ନେଇ ଯିବା ପରେ ମିଲ ମାଲିକ କଟ୍ନୀଛଟ୍ନୀ ଆଳରେ ଭୟଭୀତ କରୁଛନ୍ତି। ଆର୍ଦ୍ରତା ନ ଥିଲେ ମଧ୍ୟ କୁଇଣ୍ଟାଲ ପିଛା ୫ରୁ ୬ କେଜି କଟ୍ନୀଛଟ୍ନୀ କରାଯାଉଛି। ଯେଉଁ ଚାଷୀ ବିରୋଧ କରୁଛି ସେହି ଧାନକୁ ମିଲର ଫେରାଇ ଦେଉଛନ୍ତି। ଯୋଗାଣ ବିଭାଗ ଓ ସମବାୟ ସମିତି ପାଖରେ ଅଭିଯୋଗ କଲେ ମଧ୍ୟ ସେମାନେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ରାଜ୍ୟ ସରକାର ଓଡ଼ିଶାରେ ଏଫ୍ଏକ୍ୟୁ ଧାନ ଉତ୍ପାଦନ ହେଉ ନ ଥିବା ନେଇ ବିଭ୍ରାନ୍ତିକର ମନ୍ତବ୍ୟ ଦେଉଛନ୍ତି। ଯଦି ଏଭଳି ରହୁଛି ତା'ହେଲେ ନିୟମ ଅନୁସାରେ ଧାନ ସଂଗ୍ରହ କେନ୍ଦ୍ରରେ ଆର୍ଏମ୍ସି ପକ୍ଷରୁ କାହିଁକି ପରୀକ୍ଷା କରାଯାଉ ନାହିଁ। ସବୁ ପରୀକ୍ଷା ମିଲରେ କାହିଁକି କରାଯାଉଛି। ବିଭିନ୍ନ ରାଜନୈତିକ ଦଳର ନେତା, ମନ୍ତ୍ରୀମାନେ ମଧ୍ୟ ଚୁପ ବସିଛନ୍ତି। ବିକ୍ଷୋଭ ସମାବେଶରେ ଜିଲା କୃଷକ ସଙ୍ଗଠନ ଆବାହକ ଆଶୋକ ପ୍ରଧାନ, ଜିଲା ସଭାପତି ମୁରାରୀ ପୁରୋହିତ, ଉପସଭାପତି ହରିଶଙ୍କର ପୁରୋହିତ, ସାଧାରଣ ସମ୍ପାଦକ ବ୍ୟୋମକେଶ ଠାକୁର, ଦେବେନ୍ଦ୍ର ପ୍ରଧାନ, ବିଭୁ ପଟ୍ଟନାୟକ, ପ୍ରଦୀପ ପାତ୍ର, ଜଗଦା ନାଏକ, ବିପିନ ଭୋଇ, ମନୋଜ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା ଭାଜପାର ଜିଲାପାଳଙ୍କ ଅଫିସ ଘେରାଉ

ସମ୍ବଲପୁର,୨୪।୧୨(ବ୍ୟୁରୋ)

ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଥିଲା। ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ନେଇ ମହିଳା ଭାଜପା ପକ୍ଷରୁ ଦାବିପତ୍ର ଦେବାକୁ ଆସିବା ସମୟରେ ପୋଲିସ ବାଧା ଦେଇଥିଲା। ଏହାକୁ ବିରୋଧ କରି ମହିଳା କର୍ମୀମାନେ ପ୍ରଥମେ ଅଫିସ ସମ୍ମୁଖରେ ଭିଆଇପି ରୋଡ ଅବରୋଧ କରିଥିଲେ। ପରେ ଜିଲାପାଳଙ୍କ ଅଫିସ କାନ୍ଥରେ ଅଭିଯୋଗ ପତ୍ର ଲଟକାଇ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ମହିଳାମାନେ ଚାଲିଯିବା ପରେ ୨ଜଣ କର୍ମଚାରୀ ଆସି ଅଭିଯୋଗ ପତ୍ରକୁ ଖୋଲି ଅଫିସକୁ ନେଇଥିଲେ। ଜିଲା ପ୍ରଶାସନର ଏଭଳି କାର୍ଯ୍ୟକଳାପକୁ ନିନ୍ଦା କରାଯାଉଛି। ଜିଲାର ମୁଖିଆ ଜିଲାପାଳଙ୍କ ପାଖରେ ସମୟ ନ ଥିଲେ ଅନ୍ୟ ଅଧିକାରୀ ଆସି ଦାବିପତ୍ର ନେଇ ପାରିଥାନ୍ତେ ବୋଲି ଆଲୋଚନା ହେଉଛି। କର୍ମୀମାନଙ୍କ ଅଭିଯୋଗ କ୍ରମେ ରାଜ୍ୟ ସରକାର ମହିଳା ଓ ଶିଶୁଙ୍କ ସୁରକ୍ଷା ନେଇ ଜିଲାରେ ସ୍ୱତନ୍ତ୍ର ପ୍ରକୋଷ୍ଠ ଖୋଲିଛନ୍ତି। ହେଲେ ତାହା କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ। ଅଭିଯୋଗ କରିବାକୁ ଗଲେ କୌଣସି ଅଧିକାରୀଙ୍କ ଦେଖା ମିଳୁନାହିଁ। ପୋଲିସ ଅପରାଧିକ କାର୍ଯ୍ୟ ରୋକିବାରେ ବିଫଳ ହେଉଛି। ମହିଳାଙ୍କୁ ନ୍ୟାୟ ମିଳିପାରୁ ନାହିଁ। ମମିତା ମେହେର ହତ୍ୟାକାଣ୍ଡ ଏହାର ଏକ ଉଦାହରଣ ବୋଲି କହିଥିଲେ। ମହିଳା ଭାଜପାର ଜିଲା ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ, ସବିତା ନନ୍ଦ, ରୁନୁ ପ୍ରଧାନ, ପ୍ରଭାସିନି ଦାସ, ସଞ୍ଜୁକ୍ତା ପ୍ରଧାନ, ସରୋଜିନି ବନଛୋର, ସ୍ନେହଲତା ଦେବୀ, ସୁରମା ପୋଢ, ସୀତାକାନ୍ତି ମେଶୁଆ, ମେଜ ସାହୁ ପ୍ରମୁଖ ସାମିଲ ଥିଲେ।

## ସମ୍ବଲପୁରୀ ଭାଷା ପ୍ରସାରର ମାଧ୍ୟମ

ସମ୍ବଲପୁର,୨୪।୧୨(ବ୍ୟୁରୋ)

**ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା**

ସମ୍ବଲପୁରୀ ନାଟକ ପ୍ରତିଯୋଗିତା ଭାଷା ଆନ୍ଦୋଳନ ଓ ପ୍ରଚାର ପ୍ରସାରର ଏକ ମାଧ୍ୟମ। ଯୁବ ନାଟ୍ୟକାର ନାଟକ ରଚନା କରିବାକୁ ଆଗେଇ ଆସୁଛନ୍ତି। ଏଥିରେ ନୂଆ କଳାକାରଙ୍କୁ ସୁଯୋଗ ମିଳୁଛି। ନାଟକକୁ ଆଧୁନିକୀକରଣ କରି ଏହି ଧାରାକୁ ବଜାୟ ରଖିବା ଆବଶ୍ୟକ। ଝାଡୁଆପଡା ବଡଦୁଆର ଆରଣ୍ୟକ ମଞ୍ଚରେ ଯୁବ ଉଦୟନ ଆୟୋଜିତ ବୀର ସୁରେନ୍ଦ୍ର ସାଏ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତା ଶୁକ୍ରବାର ଉଦ୍ଘାଟନୀ ଉତ୍ସବରେ ସମ୍ବଲପୁର ବିଧାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଅନୁଷ୍ଠାନର ସଭାପତି ସଞ୍ଜୟ କୁମାର ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ସାଧାରଣ ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ପ୍ରଥମ ଦିନରେ ନାଟକ ସତ୍ୟବତୀ ଓ ଦୂର ଆକାଶେଁ ମଞ୍ଚସ୍ଥ ହୋଇଥିଲା। ବୀରୁପାକ୍ଷ ପ୍ରଧାନଙ୍କ ରଚନା ଓ ନିର୍ଦ୍ଦେଶନାରେ ସତ୍ୟବତୀ ନାଟକରେ ସମ୍ବଲପୁର ଶବ୍ଦ ସାଂସ୍କୃତିକ ଅନୁଷ୍ଠାନର କଳାକାର ଅଭିନୟ କରିଥିଲେ। ସେହିପରି ବେଲପାହାଡ ମିରର ଥିଏଟର ଅନୁଷ୍ଠାନ ପକ୍ଷରୁ ଦୂର ଆକାଶେଁ ନାଟକ ମଞ୍ଚସ୍ଥ ହୋଇଥିଲା। ଏହାର ଲେଖକ ଓ ନିର୍ଦ୍ଦେଶକ ସୁବାସ ପ୍ରଧାନ ରହିଛନ୍ତି। ବିଚାରକ ଭାବେ ଡ. ଶ୍ୟାମ ସୁନ୍ଦର ଧର, ଡ. ଦ୍ୱାରିକାନାଥ ନାୟକ ଓ ଡ. ବିଜୟ କୁମାର ପ୍ରଧାନ ଯୋଗଦେଇଥିଲେ। ଆସନ୍ତା ୨୯ ତାରିଖରେ ନାଟକ ପ୍ରତିଯୋଗିତା ଉଦ୍ଯାପିତ ହେବ। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ରଜେନ୍ଦ୍ର ପ୍ରସାଦ ପଣ୍ଡା, ଡ. ପଞ୍ଚାନନ ମିଶ୍ର, କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, କେଦାରନାଥ ଆଚାର୍ଯ୍ୟ, ଅଭୟ କୁମାର ପାଢୀଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଥିଲା।

## ୭୮ ପଞ୍ଚାୟତରେ ଖୋଲିଲା ଧାନମଣ୍ଡି

ଝାରସୁଗୁଡ଼ା ଅଫିସ,୨୪।୧୨

**୮୦ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ନିୟୋଜିତ**

ଝାରସୁଗୁଡା ଜିଲାରେ ସେବା ସମବାୟ ସମିତି କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ଧାନ କିଣାରେ ଅଚଳାବସ୍ଥା ଦେଖାଦେଇଥିଲା। ଏହାକୁ ନେଇ ଚାଷୀମାନେ ଆନ୍ଦୋଳନ ଚେତାବନୀ ଦେଇଥିଲେ। ଏଭଳି ସ୍ଥିତିରେ ଜିଲା ଯୋଗାଣ ବିଭାଗ ତରଫରୁ ସରବାହାଲ ଆର୍ଏମ୍ସି ମାର୍କେଟ୍ ୟାର୍ଡକୁ ଗତ ୨୦ତାରିଖରେ ଖୋଲାଯାଇଥିଲା। ସମବାୟ ସମିତି କର୍ମଚାରୀଙ୍କ ଆନ୍ଦୋଳନ ଚାଲିଥିବାରୁ ବିକଳ୍ପଭାବେ ଯୋଗାଣ ବିଭାଗ ତରଫରୁ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ପ୍ରଶିକ୍ଷଣ ଦିଆଯାଇ ପ୍ରତି ପଞ୍ଚାୟତ କାର୍ଯ୍ୟାଳୟ ମଣ୍ଡିରୁ ଧାନ କିଣିବାପାଇଁ ନିୟୋଜିତ କରାଯାଇଛି। ଏମାନଙ୍କୁ ପଞ୍ଚାୟତର ଯୋଗାଣ ସହାୟକ ସହାୟତା କରିବେ ବୋଲି କୁହାଯାଇଛି।

ପୂର୍ବସୂଚନା ଅନୁଯାୟୀ ଶୁକ୍ରବାର ଜିଲାର ସମୁଦାୟ ୭୮ପଞ୍ଚାୟତରେ ଧାନ ମଣ୍ଡି ଖୋଲିଛି। ଏହିସବୁ ମଣ୍ଡିରେ ୮୦ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ନିୟୋଜିତ କରାଯାଇଛି। ଏହି ଅବସରରେ ଝାରସୁଗୁଡ଼ା ବ୍ଲକ୍ ଏଚ୍ କଣ୍ଟାପାଲି ପଞ୍ଚାୟତ ମଣ୍ଡିକୁ ଶୁକ୍ରବାର ଉଦ୍ଘାଟନ କରାଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଉମେଶ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲା ଯୋଗାଣ ଅଧିକାରିଣୀ ସନ୍ତୋଷିନୀ ପଣ୍ଡା, ଏଆର୍ସିଏସ୍ ଶରତ ଚନ୍ଦ୍ର ପାଣିଗ୍ରାହୀ, ଆର୍ଏମ୍ସି ସମ୍ପାଦକ ରମେଶ ଚନ୍ଦ୍ର ଟପ୍ପୋ, ଏମ୍ଆଇ ନିହାର ମହାପାତ୍ର ଓ ଜଗତ ଜୀବନ ମହିଳା ଏସ୍ଏଚ୍ଜି ଗ୍ରୁପ୍ର ସଦସ୍ୟାମାନେ ଉପସ୍ଥିତ ଥିଲେ। ଏହି ମଣ୍ଡିରେ ପ୍ରଥମ ଦିନରେ ଚାଷୀଙ୍କ ନିକଟରୁ ୩୯ କୁଇଣ୍ଟାଲ ଧାନ କିଣାଯାଇଛି।

## ଓପିଜିସିକୁ କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାର




ମୁଖ୍ୟଅତିଥିଙ୍କଠାରୁ କମ୍ପାନୀ ଅଧିକାରୀମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

ଝାରସୁଗୁଡ଼ା ଅଫିସ,୨୪।୧୨

ଭୁବନେଶ୍ୱରଠାରେ ଓଡ଼ିଶା ରାଜ୍ୟ ସୁରକ୍ଷା କନ୍କ୍ଲେଭ୍ ୨୦୨୧ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବୋତ୍ତମ ନିରାପତ୍ତା ଓ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସ୍ୱରୂପ ୨୦୨୦ ମସିହା ପାଇଁ ଓପିଜିସିକୁ ପ୍ଲାଟିନମ୍ ବର୍ଗରେ କଳିଙ୍ଗ ସୁରକ୍ଷା ଉତ୍କର୍ଷତା ପୁରସ୍କାର ପ୍ରଦାନ କରାଯାଇଛି। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କମ୍ପାନୀକୁ ଏହି ପୁରସ୍କାର ପ୍ରଦାନ କରିଥିଲେ । ଏହାକୁ କମ୍ପାନୀର ପ୍ଲାଣ୍ଟ ମ୍ୟାନେଜର ସୁଧାକର ସ୍ୱାଇଁ ଓ ସିନିୟର ମ୍ୟାନେଜର ଶରତ ଚନ୍ଦ୍ର ନାୟକ ଗ୍ରହଣ କରିଥିଲେ । ରାଜ୍ୟ ସୁରକ୍ଷା କନ୍କ୍ଲେଭ୍ କାର୍ଯ୍ୟକ୍ରମରେ ଏହି ବାର୍ଷିକ ପୁରସ୍କାର ପ୍ରଦାନ କରାଯାଇଥାଏ।

## ବେଆଇନ ସାର ବୋଝେଇ ମିନି ଟ୍ରକ୍ ଜବତ, ୨ କୋର୍ଟ ଚାଲାଣ

କୁଆଁରମୁଣ୍ଡା,୨୪।୧୨(ଡି.ଏନ.ଏ.)



ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ କୁଆଁରମୁଣ୍ଡା-ହାତୀବାରି ରୋଡ଼ର କାଲୋସିହିରିଆ ବୁଲାଣି ନିକଟରେ ଗୁରୁବାର ବିଳମ୍ବିତ ରାତି ପ୍ରାୟ ସାଢେ ୧୧ଟାରେ ଏକ ବେଆଇନ୍ ସାର ବୋଝେଇ ମିନି ଟ୍ରକ (ଓଡି୧୪ପି ୭୭୧୪)କୁ ପୋଲିସ ଜବତ କରିଛି। ଏହା ସହ ଗାଡି ଚାଳକ ମୁଦାଶିର ଅଂଶାରି(୫୦) ଓ ସାରର ମାଲିକ ନୂଆଗାଁ ଫାଣ୍ଡି ଖୁଣ୍ଟଗାଁର ମନୋଜ ସାହୁ(୪୭)ଙ୍କୁ ଗିରଫ କରିଛି। ପୋଲିସ ଏକ ମାମଲା ରୁଜୁ କରି ଉଭୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ମିନି ଟ୍ରକରେ ୪୦ ବସ୍ତା ଡିଏପି ସାର ବଡଗାଁର ଜଣେ ବ୍ୟକ୍ତିଙ୍କଠାରୁ ବସ୍ତା ପ୍ରତି ୧୩୫୦ଟଙ୍କାରେ କିଣି ମନୋଜ ସାହୁ ଏହାକୁ ନୂଆଗାଁ ଅଞ୍ଚଳର ଚାଷୀମାନଙ୍କୁ ବସ୍ତା ପ୍ରତି ୨ହଜାର ଟଙ୍କା ଲେଖାଏଁରେ ବିକ୍ରି କରୁଥିବାର ଚାଷୀମାନେ ଅଭିଯୋଗ କରିଆସୁଥିଲେ। ପୋଲିସକୁ ଅଭିଯୁକ୍ତ ମନୋଜ ସାର କିଣିଥିବା ବିଲ୍ ଦେଖାଇପାରି ନ ଥିବାରୁ ପୋଲିସ ସେଗୁଡିକୁ ଜବତ କରିଛି। ବଡ଼ଗାଁର ଯେଉଁ ବ୍ୟକ୍ତି ସାର ଦେଇଥିଲେ ତାଙ୍କୁ ମଧ୍ୟ ଗିରଫ ପାଇଁ ପୋଲିସ ତଦନ୍ତ ଚଳାଇଛି।

## ଓରାମ ସମାଜ ଫୁଟ୍ବଲ ଟୁର୍ନାମେଣ୍ଟ ଉଦ୍ଘାଟିତ

କୁଆଁରମୁଣ୍ଡା, ୨୪।୧୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ କଚାରୁ ସିଆଲଯୋର ଫୁଟବଲ ପଡିଆରେ ଗୁରୁବାରଠାରୁ ୭ମ ବାର୍ଷିକ ଓରାମ ସମାଜ ଫୁଟବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଯାଇଛି। ଏହା ୫ ଦିନ ଧରି ଅନୁଷ୍ଠିତ ହେବ। ଉଦ୍ଘାଟନୀ ମ୍ୟାଚରେ ଭେଲୁଆ ଓ କଣଟାଝାର ଟିମ୍ ମଧ୍ୟରେ ସଂଘର୍ଷପୂର୍ଣ୍ଣ ପ୍ରତିଯୋଗିତା ହୋଇଥିଲା। ଶେଷରେ ୧-୦ ଗୋଲରେ ଭେଲୁଆ ଟିମ୍ ବିଜୟୀ ଘୋଷିତ ହୋଇଛି। ଏହି ପ୍ରତିଯୋଗିତାର ପ୍ରାରମ୍ଭରେ କୁଆଁରମୁଣ୍ଡାର ସାମାଜିକ କର୍ମୀ ଶୈଳେଶ୍ ତିୱାରୀ(ରାଜୁ ଭାଇ) ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟର ଉଦ୍ଘାଟନ କରିଥିଲେ। କଚାରୁ ହାଇସ୍କୁଲର ପ୍ରଧାନଶିକ୍ଷକ ଶିବପ୍ରସାଦ ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ। ଆୟୋଜକ କମିଟିର ସାଧାରଣ ସମ୍ପାଦକ ଶୁକ୍ରା ଓରାମ, ସଭାପତି ସଞ୍ଜୟ ଓରାମ, ଉପସଭାପତି ବିକ୍ରମ ଓରାମ, କୋଷାଧ୍ୟକ୍ଷ ବିଜୟ କେର୍କେଟା, ସଦସ୍ୟ ସୁଜିତ ଏକ୍କା, ଦୟା ଏକ୍କା, ଯୁବାନ ଟପ୍ପୋ, ଗଣେଶ ଏକ୍କା, ସନ୍ତୋଷ କେର୍କେଟା ପ୍ରମୁଖ ଉପସ୍ଥିତ ଥିଲେ।

## ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ



ଭାଜପା ମହିଳା ମୋର୍ଚ୍ଚା କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ରାଉରକେଲା ଅଫିସ,୨୪।୧୨

ରାଉରକେଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ପାନପୋଷ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏଥିରେ ବହୁ ଭାଜପା କର୍ମୀ ଯୋଗଦେଇ ବିଜେଡି ସରକାରରେ ମହିଳା ଓ ଶିଶୁ ବିପଦରେ ଅଛନ୍ତି ବୋଲଇ ଅଭିଯୋଗ କରିଥିଲେ। ଏହାସହ ଯଥାଶିଘ୍ର ଶିକ୍ଷୟିତ୍ରୀ ମମିତା ମେହେରଙ୍କୁ ନ୍ୟାୟ ମିଳୁ ବୋଲି ସେମାନେ ଦାବି କରିଥିଲେ। ଏହି ବିକ୍ଷୋଭରେ ମମତା ଗୌତମ, କଳ୍ପନା ଲେଙ୍କା, ଇସ୍ମିତା ବିଶ୍ୱାଳ, ସୁନିତା ମହାନ୍ତି, ଝରଣା ମହାରଣା, ତିଳୋତ୍ତମା ପ୍ରଧାନ, ବନ୍ଦନା ପ୍ରଧାନଙ୍କ ସମେତ ବହୁ ମହିଳା କର୍ମୀ ଉପସ୍ଥିତ ଥିଲେ।

## ବାର୍ହା ଶିକାର ପାଇଁ ବିଦ୍ୟୁତ୍ ଫାଶ ଲଗାଇ ୩ ଗିରଫ

ଲହୁଣୀପଡ଼ା,୨୪।୧୨(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ କୁଲିପୋଷ ବନାଞ୍ଚଳର ଅମରୁଢ଼ି ସଂରକ୍ଷିତ ଜଙ୍ଗଲରେ ବାରହା ଶିକାର କରିବା ପାଇଁ ବେନିୟମ ଭାବେ ଲଗାଯାଇଥିବା ବିଦ୍ୟୁତ୍ ଫାଶ ସ୍ପର୍ଶରେ ଆସି ତିନିଜଣ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ବନ ବିଭାଗ ତରଫରୁ ଫାଶ ଲଗାଇଥିବା ତିନିଜଣ ବ୍ୟକ୍ତିଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। କୁଲିପୋଷ ବନାଞ୍ଚଳ ଅନ୍ତର୍ଗତ ଗଣିଘସା ଗ୍ରାମର ବାଣେଶ୍ୱର ମାହାନ୍ତ(୫୦), ମେଘନାଦ ମାହାନ୍ତ(୨୮), ଶିବ ଶଙ୍କର ମାହାନ୍ତ(୧୯) ନିକଟସ୍ଥ ଅମରୁଢ଼ି ସଂରକ୍ଷିତ ଜଙ୍ଗଲରେ ବାରହା ଶିକାର କରିବା ପାଇଁ ବାଇଣ୍ଡିଙ୍ଗ ତାର ବିଦ୍ୟୁତ୍ ସଂଯୋଗ କରି ଫାଶ ଲଗାଇଥିଲେ। ସେହି ଗ୍ରାମର ପାଗଲା ମୁଣ୍ଡା, ଭୀମସେନ ମୁଣ୍ଡା, ସୁଶାନ୍ତ ମୁଣ୍ଡା ଗାଈ ଚରେଇବା ପାଇଁ ଜଙ୍ଗଲକୁ ଯାଇଥିବା ବେଳେ ଉକ୍ତ ଫାଶର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ବନବିଭାଗ ପକ୍ଷରୁ ଫାଶ ଲଗାଇଥିବା ଉପରୋକ୍ତ ତିନି ଜଣ ବ୍ୟକ୍ତିଙ୍କୁ ଗିରଫ କରିବା ସହିତ ତାଙ୍କ ନିକଟରୁ ତିନି ବଣ୍ଡଲ ବାଇଣ୍ଡିଙ୍ଗ ତାର, କୁରାଢ଼ୀ ଇତ୍ୟାଦି ଜବତ କରିବା ସହିତ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ବାଳିକାରେ ସୁଭଦ୍ରା, ବାଳକରେ ବୁବୁନ ଚାମ୍ପିୟନ

ବଡ଼ଗାଁ, ୨୪।୧୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଆଇଟିଆଇର ତ୍ରିଦିବସୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଗୁରୁବାର ଉଦ୍ଯାପିତ ହୋଇଯାଇଛି। ଉଦ୍ଯାପନୀ କାର୍ଯ୍ୟକ୍ରମରେ ତହସିଲଦାର ସରୋଜ କୁମାର ପୃଷ୍ଟେଠ ମୁଖ୍ୟ ଅତିଥି ଓ ଥାନା ଆଇଆଇସି ବୀରକିଶୋର ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗଦେଇ କୃତୀ ଛାତ୍ରୀ, ଛାତ୍ରଙ୍କୁ ପୁରସ୍କୃତ କରିଥଲେ। ପ୍ରତିଯୋଗିତାର ବାଳିକା ବର୍ଗରେ ସିଲେଇ ବିଭାଗର ସୁଭଦ୍ରା କିଷାନ ଓ ବାଳକ ବର୍ଗରେ ଇଲେକ୍ଟ୍ରିସିଆନ ଜୁନିୟର ବିଭାଗର ବୁବୁନ ବାଗ ଚାମ୍ପିୟନ ହୋଇଛନ୍ତି। ବଡ଼ଗାଁ କଲେଜ ପିଇଟି ଜିତେନ୍ଦ୍ର ବୁଡା କ୍ରିଡ଼ା ପରିଚାଳନା କରିଥିଲେ। ଆଇଟିଆଇ ଅଧ୍ୟକ୍ଷ ଡ. ଅରୁଣ କୁମାର ନାୟକ, ଉପାଧ୍ୟକ୍ଷା ସାଗରିକା ନାଏକଙ୍କ ତତ୍ତ୍ୱାବଧାନରେ କର୍ମଚାରୀମାନେ ବିଭିନ୍ନ କାର୍ଯ୍ୟ ପରିଚାଳନା କରିଥିଲେ।

## ଆନ୍ତଃ ମହାବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଛାତ୍ରଙ୍କ କୃତିତ୍ୱ

ସୁନ୍ଦରଗଡ଼, ୨୪।୧୨(ଡି.ଏନ୍.ଏ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ତରଫରୁ ଝାରସୁଗୁଡା ଏଲଏନ ମହାବିଦ୍ୟାଳୟରେଠାରେ ଅନୁଷ୍ଠିତ ଆନ୍ତଃ ମହାବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତାରେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ସଫଳତା ହାସଲ କରିଛି। ଟ୍ରାକ୍ ଇଭେଣ୍ଟରେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ପ୍ରତିଯୋଗୀ ଛାତ୍ର ପ୍ରଶାନ୍ତ ଲାକ୍ରା ୮୦୦ମିଟର ଦୌଡରେ ଦ୍ୱିତୀୟ ସ୍ଥାନ, ଅନମୋଲକେରକେଟା ଉଭୟ ୨୦୦ମିଟର ଓ ୪୦୦ମିଟର ଦୌଡରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମୟଙ୍କ କୁମାର କଇରା ଜାଭଲିନ୍ ଥ୍ରୋରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନମୋଲ କେରେକେଟା, ପ୍ରଶାନ୍ତ ଲାକ୍ରା, ପରମେଶ୍ୱର ମହାନନ୍ଦିଆ ଓ ତ୍ରିଲୋଚନ ବରୁଆ ମିଳିତ ଭାବେ ରିଲେ ରେସରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏହି କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି କ୍ରୀଡା ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ସୁନ୍ଦରଗଡ ମହାବିଦ୍ୟାଳୟର କୃତୀ ପ୍ରତିଯୋଗୀଙ୍କୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଲଳିତ ରଞ୍ଜନ ସାହୁ ମଙ୍ଗଳବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ।

## ନାବାଳିକାଙ୍କୁ ମାରପିଟ: ଯୁବକ କୋର୍ଟ ଚାଲାଣ

ଲହୁଣୀପଡ଼ା, ୨୪।୧୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ଶରଧାପୁରୁ ଗ୍ରାମର ଜଣେ ନାବାଳିକା କୌଣସି କାମରେ ରାଜାମୁଣ୍ଡା ପଞ୍ଚାୟତକୁ ଆସିଥିଲେ। ପଞ୍ଚାୟତରୁ କାମ ସାରି ଘରକୁ ଯାଉଥିବା ବେଳେ ଏକୁଟିଆ ଦେଖି ସେହିଗ୍ରାମର ସାଗର ମାହାନ୍ତ(୧୯)ଅଟକାଇ ତାଙ୍କୁ ଗାଳିଗୁଲଜ କରିଥିଲେ। ନାବାଳିକା ବିରୋଧ କରିବାରୁ ତାଙ୍କୁ ରାସ୍ତା ମଝିରେ ମାରପିଟ କରିବା ସହିତ ତାଙ୍କ ମୋବାଇଲକୁ ରାସ୍ତା ଉପରେ କଚାଡି ଭାଙ୍ଗି ଦେଇଥିଲେ ବୋଲି ଲହୁଣୀପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ସାଗର ମାହାନ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି।

## ୨୯ ପ୍ୟାକ୍ସ ୩୮ ମଣ୍ଡିରେ ଆରମ୍ଭ ହେଲା ଧାନକିଣା

ଦେବଗଡ଼,୨୪।୧୨(ଡି.ଏନ୍.ଏ.)

ଦେବଗଡ଼ ଜିଲାରେ ଚଳିତବର୍ଷ ଚାଷୀଙ୍କ ଠାରୁ ଖରିଫ ଧାନ କିଣା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଜିଲାର ତିଳେଇବଣି, ରିଆମାଳ ଓ ବାରକୋଟ ବ୍ଲକର ମୋଟ ୨୯ଟି ସେବା ସମବାୟ ସମିତି ଜରିଆରେ ୩୮ଟି ମଣ୍ଡିରେ ଧାନକିଣା ପ୍ରକ୍ରିୟାର ଶୁଭାରମ୍ଭ ହୋଇଛି। ତିଳେଇବଣି ବ୍ଲକ ସୁଗୁଡା ସେବା ସମବାୟ ସମିତିରେ ଜିଲାପାଳ ସୁଧାଂଶୁ ମୋହନ ସାମଲ ଫିତା କାଟି ମଣ୍ଡିର ଶୁଭାରମ୍ଭ କରିଥିଲେ। ସେହିପରି ରିଆମାଳ ବ୍ଲକର ରିଆମାଳ ସେବା ସମବାୟ ସମିତି ଓ ବାରକୋଟ ବ୍ଲକର କଂଢଳ ସେବା ସମବାୟ ସମିତିରେ ଉପଜିଲାପାଳ ଓ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଫିତା କାଟି ମଣ୍ଡିର ଶୁଭାରମ୍ଭ କରିଥିଲେ। ଚଳିତବର୍ଷ ଜିଲାରେ ପଞ୍ଜିକୃତ ୧୯ହଜାର ୩୭ ଚାଷୀଙ୍କ ଠାରୁ ୨ ମିଲର ଜରିଆରେ ୪ ଲକ୍ଷ ୩୩ହଜାର ୮ଶହ ୨୩ କୁଇଣ୍ଟାଲ ଧାନ କ୍ରୟ କରାଯିବା ଲକ୍ଷ୍ୟ ରଖାଯାଇଛି। ଏଫଏକ୍ୟୁ ଧାନ ମୂଲ୍ୟ ୧୯୪୦ ଟଙ୍କା ରଖାଯାଇଥିବା ଜିଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା ସୂଚନା ଦେଇଛନ୍ତି ।

## ସମ୍ବଲପୁରର ଜଗନ୍ନାଥ କ୍ରିକେଟ କ୍ଲବ ବିଜୟୀ

ଦେବଗଡ଼, ୨୪।୧୨(ଡି.ଏନ୍.ଏ.)

**୩୧ତମ ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍ଘାଟିତ**



ବାମଣ୍ଡା କପ୍ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ଉଦ୍ଘାଟନୀ ମୂହୂର୍ତ୍ତ।

୩୧ତମ ବାମଣ୍ଡା କପ୍ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍ଘାଟିତ ହୋଇଯାଇଛି। ଉଦ୍ଘାଟନୀ ମ୍ୟାଚରେ ସମ୍ବଲପୁରର ଜଗନ୍ନାଥ କଲୋନୀ କ୍ରିକେଟ କ୍ଲବ ବିଜୟୀ ହୋଇଛି। ବାମଣ୍ଡା କ୍ରିକେଟ କ୍ଲବର ସଭାପତି ତଥା ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ରାଜକିଶୋର ପାଇକରାୟ, ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ଜିଲା କ୍ରୀଡା ଅଧିକାରୀ କୈବଲ୍ୟ କିଶୋର କର, ଜିଲା କ୍ରୀଡା ସଂସଦର ସମ୍ପାଦକ ଧିରେନ୍ଦ୍ର ନାୟକ ଓ ସମ୍ବଲପୁର ଜିଲା କ୍ରୀଡା ସଂସଦର ସମ୍ପାଦକ ଦୁଲାଲ ପ୍ରଧାନ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍ଘାଟନ କରିଥିଲେ। ସଭା ପ୍ରାରମ୍ଭରେ କ୍ଲବର ସମ୍ପାଦକ ଇଂ. ସୁଜିତ କୁମାର ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଶୋକ କୁମାର ନନ୍ଦ ମଞ୍ଚ ପରିଚାଳନା କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ କ୍ଲବର ଉପଦେଷ୍ଟା ନବୀନ ପାଣି, ଉପସଭାପତି ସତ୍ୟନାରାୟଣ ପାଣି, କୋଷାଧ୍ୟକ୍ଷ ମୋତିଲାଲ ଶର୍ମା ଯୋଗଦେଇଥିଲେ। ଉଦ୍ଘାଟନୀ ମ୍ୟାଚ ସମ୍ବଲପୁରର ଜଗନ୍ନାଥ କଲୋନୀ କ୍ରିକେଟ କ୍ଲବ ଓ ଦେବଗଡ଼ର ବାମଣ୍ଡା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାମଣ୍ଡା କ୍ରିକେଟ କ୍ଲବ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ପାଇଁ ସମ୍ବଲପୁରର ଜଗନ୍ନାଥ କଲୋନୀ କ୍ରିକେଟ କ୍ଲବକୁ ଆମନ୍ତ୍ରଣ କରିଥିଲା। ଜଗନ୍ନାଥ କଲୋନୀ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ଆୟୁଷ ନାୟକଙ୍କ ସର୍ବାଧିକ ୫୦ ରନ ଓ ଏମ୍.ଡି.ୱାସିମଙ୍କ ୨୦ରନ ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୪୩ ରନ ସଂଗ୍ରହ କରିଥିଲେ। ବାମଣ୍ଡା କ୍ରିକେଟ କ୍ଲବର ବୋଲର କିରନ ନାୟକ ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ ବାମଣ୍ଡା କ୍ରିକେଟ କ୍ଲବ ବ୍ୟାଟିଂ ଆରମ୍ଭ କରି ଶକ୍ତିବ୍ରତ ନାୟକଙ୍କ ସର୍ବାଧିକ ୩୮ ରନ ଓ ଯୋଶିଲା ସାହୁଙ୍କ ୩୦ ରନ ସହାୟତାରେ ମାତ୍ର ୧୩୯ ରନ ସଂଗ୍ରହ କରିବା ସହ ୪ ରନରେ ପରାସ୍ତ ହୋଇଥିଲା। ଜଗନ୍ନାଥ କଲୋନୀ କ୍ରିକେଟ କ୍ଲବର ବୋଲର ଅବିନାଶ ନନ୍ଦ ସର୍ବାଧିକ ୪ଟି ଉଇକେଟ ଅକ୍ତିଆର କରିଥିଲେ। ଉଦ୍ଘାଟନୀ ମ୍ୟାଚକୁ ଅମ୍ପାୟାର ଭାବେ ପରାଶର ବିଶ୍ୱାଳ ଓ ସତ୍ୟପ୍ରସାଦ ରଥ ପରିଚାଳନା କରିଥିଲେ। ସର୍ବାଧିକ ୫୦ ରନ କରିଥିବା ଜଗନ୍ନାଥ କଲୋନୀ କ୍ରିକେଟ କ୍ଲବର ଆୟୁଷ ନାୟକ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଏସ୍ଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ର ଯୋଗଦେଇଥିଲେ। ଭାଷ୍ୟକାର ଭାବେ ବେଣୁଧର ଗଡନାୟକ, ଚେତନ ସିହ୍ନା ଓ ନରେନ୍ଦ୍ର କୁମାର ଗୁମାନସିଂ ଧାରାବିବରଣୀ ପ୍ରଦାନ କରିଥିଲେ।

# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

**No. RDM-LAA-BLS-0007-2021-32465 R&DM** **Dated: 30 Oct. 2021**

No. XXI-117: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ପ୍ରହରାଜପୁର, ଥାନା: ରାଇବଣିଆ ନଂ. ୬୮, ତହସିଲ: ଜଳେଶ୍ୱର, ଜିଲ୍ଲା: ବାଲେଶ୍ୱରରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରାଇବଣିଆ ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୧୫୨୩ ତା୦୬।୦୪।୨୦୨୧ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ପ୍ରହରାଜପୁର, ଥାନା: ରାଇବଣିଆ ନଂ. ୬୮, ଜିଲ୍ଲା: ବାଲେଶ୍ୱରରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **www.baleswar.nic.in / www.mayurbhanj.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମିନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ – କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
### ଜିଲ୍ଲା: ବାଲେଶ୍ୱର, ତହସିଲ: ଜଳେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରହରାଜପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୪୨.୭୧୪ | ଏକର ୧୭.୬୩ | ଏଥି ସହିତ ସଂଲଗ୍ନ |

### ତଫସିଲ – ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
### ଜିଲ୍ଲା: ବାଲେଶ୍ୱର, ତହସିଲ: ଜଳେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୨୮।୦୭।୨୦୨୧

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ଅଭୟ କୁମାର ନାୟକ)
ଅତିରିକ୍ତ ଶାସନ ସଚିବ

## ଭୂମି ଅନୁସୂଚୀ

ଭୂ-ଅର୍ଜନ ମାମଲା ସଂଖ୍ୟା: ୮୭/୨୦୧୮
ଏ.୧୭.୬୩ଡି.

### ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରାଇବଣିଆ ଡିଷ୍ଟ୍ରିବ୍ୟୁଟାରୀ ନିମନ୍ତେ
### ମୌଜା: ପ୍ରହରାଜପୁର, ଥାନା: ରାଇବଣିଆ ନଂ. ୬୮, ତହସିଲ: ଜଳେଶ୍ୱର, ଜିଲ୍ଲା: ବାଲେଶ୍ୱର

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 7 | 292 | 0.090 | 0.080 | ଶାରଦ ଏକ | ଅନନ୍ତ ବେହେରା, ପି. କମଳ ଲୋଚନ ବେହେରା, ଜା: କୁମ୍ଭାର, ବା: ଦକ୍ଷିଣ ପ୍ରହରଜାପୁର |
| | 291 | 0.100 | 0.030 | ଶାରଦ ଏକ | |
| | 289 | 0.600 | 0.170 | ଶାରଦ ଏକ | |
| 22 | 543 | 0.230 | 0.010 | ଶାରଦ ଦୁଇ | ଅମୂଲ୍ୟ କୁମାର ବେହେରା, ଶରତ ବେହେରା, ପି. ହର ବେହେରା, ଜା: ସଦଗୋପ, ବା: ନିଜଗାଁ |
| | 548 | 0.520 | 0.240 | ଶାରଦ ଦୁଇ | |
| | 418 | 0.430 | 0.010 | ଶାରଦ ଏକ | |
| | 692 | 0.27 | 0.110 | ଶାରଦ ଏକ | |
| 31 | 451 | 0.240 | 0.100 | ଶାରଦ ଦୁଇ | ଅମୂଲ୍ୟ କୁମାର ମହାନ୍ତି, ପି. ତ୍ରିଲୋଚନ ମହାନ୍ତି, ଜା: ସଦଗୋପ, ବା: ନିଜଗାଁ |
| | 534/ 1980 | 0.24 | 0.170 | ଶାରଦ ଦୁଇ | |
| 35 | 309 | 0.080 | 0.080 | ଶାରଦ ଏକ | ଅଶୋକ କୁମାର ଦାସ, ପି.- ବିଦୁତି ଭୂଷଣ ଦାସ, ଜା: କରଣ, ବା: ଗୁଆ ଗଡ଼ିଆ |
| | 316 | 0.480 | 0.130 | ଶାରଦ ଏକ | |
| 36 | 538 | 0.660 | 0.160 | ଶାରଦ ଦୁଇ | ଅଶୋକ କୁମାର ବାରିକ, ସୁଶାନ୍ତ କୁମାର ବାରିକ, ପି. ହରେନ୍ଦ୍ର ବାରିକ, ଜା: ସଦଗୋପ, ବା: ନିଜଗାଁ |
| 43 | 690 | 0.240 | 0.170 | ଶାରଦ ଦୁଇ | ଗଙ୍ଗାଧର ଦେହୁରୀ, ବାଦଲ ଦେହୁରୀ, ପି. ବିପିନ ଦେହୁରୀ, ଜା: ଦଣ୍ଡଛତ୍ର ମାଝୀ, ବା: ମାଗୁଣିଆପଡ଼ା |
| 53 | 545 | 0.340 | 0.020 | ଶାରଦ ଦୁଇ | ଏକଦଶୀ ବେହେରା, ପି.- ଉପେନ୍ଦ୍ର ବେହେରା, ହୀରାମଣୀ ବେହେରା, ସ୍ୱା.- ଉପେନ୍ଦ୍ର ବେହେରା, ଜା: ସଦଗୋପ, ବା: ନିଜଗାଁ |
| 62 | 1099 | 0.100 | 0.100 | ଶାରଦ ତିନି | କାଳି ଚରଣ ଜେନା, ପି. ନରେନ୍ଦ୍ର ଜେନା, ଜା: କୋଦମା, ବା: ନିଜଗାଁ |
| 63 | 293 | 0.090 | 0.060 | ଶାରଦ ଏକ | କାଳି ଚରଣ ଜେନା, ଝାଡ଼େଶ୍ୱର ଜେନା, ପି. ନରେନ୍ଦ୍ର ଜେନା, ଜା: କୁଦୁମା, ବା: ନିଜଗାଁ |
| 73 | 1147 | 0.190 | 0.010 | ଶାରଦ ଦୁଇ | କାହ୍ନୁ ଚରଣ ସାମଲ, ଅନନ୍ତ ସାମଲ, ପି. ହର ସାମଲ, ଜା: କୁଦୁମା, ବା: ବେହେରା ସାହି |
| 82 | 266 | 0.050 | 0.030 | ଶାରଦ ଏକ | ସୁଶାନ୍ତ ବେହେରା, ପି. କେଦାର ବେହେରା, ଜା: କୁମ୍ଭାର, ବା: ଦକ୍ଷିଣ ପ୍ରହରାଜପୁର |
| 86 | 712 | 0.060 | 0.060 | ଶାରଦ ଦୁଇ | କେଦାର ବେହେରା, ସନ୍ତୋଷ ବେହେରା, ଶ୍ରୀଧର ବେହେରା, ପି. ଦିବାକର ବେହେରା, ଜା: ଦଣ୍ଡଛତ୍ର ମାଝୀ, ବା: ମାଗୁଣିଆପଡ଼ା |
| 89 | 406/ 1948 | 0.190 | 0.020 | ଶାରଦ ଦୁଇ | ଗଗନ ବିହାରୀ ପାତ୍ର, ସପନ କୁମାର ପାତ୍ର, ପି. ଭାସ୍କର ପାତ୍ର, ଜା: କୁଦୁମା, ବା: ନିଜଗାଁ |
| 106 | 1529 | 0.120 | 0.120 | ଶାରଦ ତିନି | ଗୋପାଳ ସରେନ, ପି. ମାତ୍ରୁ ସରେନ, ଜା: ସାନ୍ତାଳ, ବା: ନିଜଗାଁ |
| 118 | 517 | 0.500 | 0.180 | ଶାରଦ ଦୁଇ | ଘନଶ୍ୟାମ ମଙ୍ଗଳ, ପି. ଶମ୍ଭୁନାଥ ମଙ୍ଗଳ, ଜା: କୁଦୁମା, ବା: ନିଜଗାଁ |
| | 1121 | 0.140 | 0.010 | ଶାରଦ ଦୁଇ | |
| | 416 | 0.410 | 0.100 | ଶାରଦ ଦୁଇ | |
| 128 | 283 | 0.180 | 0.020 | ଶାରଦ ଏକ | ଜଗବନ୍ଧୁ ବେହେରା, ପି. ଶ୍ୟାମ ବେହେରା, ଜା: କୁମ୍ଭାର, ବା: ନିଜଗାଁ |
| 136 | 1168 | 0.215 | 0.199 | ଶାରଦ ତିନି | ଜଲଦବାଳା ସିଂ, ସ୍ୱା. ଗୋବର୍ଦ୍ଧନ ସିଂ, ଜା: କୁଦୁମା, ବା: ବେହେରା ସାହି |
| 137 | 550 | 0.890 | 0.300 | ଶାରଦ ଦୁଇ | ଜାହାଜି ମଣି ଘୋଷ, ସ୍ୱା. ଭଗବାନ ଘୋଷ, ଜା: ସଦଗୋପ, ବା: ନିଜଗାଁ |
| 142 | 267 | 0.070 | 0.020 | ଶାରଦ ଏକ | ଝାଟୁ ବେହେରା, ପି. ଜୈନ ବେହେରା, ନିଆସି ବେହେରା, ସ୍ୱା. ଜୈନ ବେହେରା, ଜା: କୁମ୍ଭାର, ବା: ଦକ୍ଷିଣ ପ୍ରହରାଜପୁର |
| 144 | 1100 | 0.070 | 0.030 | ଶାରଦ ତିନି | ଝାଡ଼େଶ୍ୱର ଜେନା, ପି. ନରେନ୍ଦ୍ର ଜେନା, ଜା: କୁଦୁମା, ବା: ନିଜଗାଁ |
| 150 | 452 | 0.040 | 0.010 | ଶାରଦ ଦୁଇ | ତ୍ରିଲୋଚନ ମହାନ୍ତି, ପି. ରାମଚନ୍ଦ୍ର ମହାନ୍ତି, ଜା: ସଦଗୋପ, ବା: ନିଜଗାଁ |
| 152 | 250/ 2025 | 0.070 | 0.030 | ଶାରଦ ଏକ | ତ୍ରୈଲୋକ୍ୟ ଜେନା, ଗୋବିନ୍ଦ ଜେନା, ପର୍ଶୁରାମ ଜେନା, ଭାବି ଜେନା, ଭାନୁ ଜେନା, ନିଆସି ଜେନା, ପି. ଅଭିମନ୍ୟୁ ଜେନା, ସୁରେନ୍ଦ୍ର ଜେନା, ପି. ଗଦୁ ଜେନା, ଗଙ୍ଗାଧର ଜେନା, ପି. ରାଧୁ ଜେନା, ଜା: ରାଜୁ, ବା: ନିଜଗାଁ |
| | 249 | 0.120 | 0.090 | ଶାରଦ ଏକ | |
| 156 | 687 | 0.400 | 0.170 | ଶାରଦ ଦୁଇ | ଦାମୋଦର ଦତ୍ତ, ବଂଶୀଧର ଦତ୍ତ, ପି. ଗୃହିନ ଦତ୍ତ, ଟୁଣି ଦତ୍ତ, ସ୍ୱା. ଗୁହିନ ଦତ୍ତ, ଅମୂଲ୍ୟ ଦତ୍ତ, ଅତୁଲ ଦତ୍ତ, ଅଜୟ ଦତ୍ତ, ଅରୁଣ ଦତ୍ତ, ଅଶୋକ ଦତ୍ତ, ପି. ହଗୁରି ଦତ୍ତ, ତାରାମଣି ଦତ୍ତ, ସ୍ୱା. ହଗୁରି ଦତ୍ତ, ଜା: ରାଜୁ, ବା: ଦକ୍ଷିଣ ପ୍ରହରାଜପୁର |
| 157 | 258 | 0.360 | 0.150 | ଶାରଦ ଏକ | ଦାମୋଦର ଦତ୍ତ, ବଂଶୀଧର ଦତ୍ତ, ପି. ଶୁହିନ ଦତ୍ତ, ଅମୂଲ୍ୟ ଦତ୍ତ, ଅତୁଲ ଦତ୍ତ, ଅଜୟ ଦତ୍ତ, ଅରୁଣ ଦତ୍ତ, ଅଶୋକ ଦତ୍ତ, ପି. ହଗୁରି ଦତ୍ତ, ଜା: ରାଜୁ, ବା: ଗୁଆଗଡ଼ିଆ |
| | 322 | 0.310 | 0.150 | ଶାରଦ ଏକ | |
| | 308 | 0.30 | 0.090 | ଶାରଦ ଏକ | |
| 160 | 282 | 0.080 | 0.070 | ଶାରଦ ଏକ | ଦିବାକର ବେହେରା, ପି. ରଥି ବେହେରା, ପ୍ରବାସି ବେହେରା, ସ୍ୱା. ରଥି ବେହେରା, ଜା: କୁମ୍ଭାର, ବା: ଦକ୍ଷିଣ ପ୍ରହରାଜପୁର |
| 169 | 319 | 0.450 | 0.210 | ଶାରଦ ଏକ | ଦିଲ୍ଲିପ କୁମାର ଦାସ, ପି. ବିଭୂତି ଭୂଷଣ ଦାସ, ଜା: କରଣ, ବା: ଗୁଆଗଡ଼ିଆ |
| 169 | 342 | 0.130 | 0.060 | ଶାରଦ ଏକ | ଦିଲ୍ଲିପ କୁମାର ଦାସ, ପି. ବିଭୂତି ଭୂଷଣ ଦାସ, ଜା: କରଣ, ବା: ଗୁଆଗଡ଼ିଆ |
| 180 | 454 | 0.320 | 0.180 | ଶାରଦ ଦୁଇ | ନରେନ୍ଦ୍ର ଜେନା, ପି. କାର୍ତ୍ତିକ ଜେନା, ଗିରିଧାରୀ ଜେନା, ଝାଡ଼େଶ୍ୱର ଜେନା, ପି. ନରେନ୍ଦ୍ର ଜେନା, ଜା: କୁଦୁମା, ବା: ନିଜଗାଁ |
| | 404 | 0.180 | 0.110 | ଶାରଦ ଦୁଇ | |
| | 293/ 1941 | 0.090 | 0.040 | ଶାରଦ ଦୁଇ | |
| 209 | 547 | 0.280 | 0.010 | ଶାରଦ ଦୁଇ | ପ୍ରଫୁଲ୍ଲ ମହାନ୍ତି, ପି. ଠକର ମହାନ୍ତି, ପୁଣ୍ଟି ମହାନ୍ତି, ସ୍ୱା. ଠକର ମହାନ୍ତି, ଜା: ସଦଗୋପ, ବା: ନିଜଗାଁ |
| 211 | 243 | 0.120 | 0.100 | ଶାରଦ ଏକ | ପ୍ରଫୁଲ ବେହେରା, ପି. କାର୍ତ୍ତିକ ବେହେରା, ଜା: କୁମ୍ଭାର, ବା: ଦକ୍ଷିଣ ପ୍ରହରାଜପୁର |
| 212 | 318 | 0.450 | 0.070 | ଶାରଦ ଏକ | ପ୍ରବୀର କୁମାର ଦାସ, ପି. ବିଭୂତି ଭୂଷଣ ଦାସ, ଜା: କରଣ, ବା: ଗୁଆଗଡ଼ିଆ |
| | 340 | 0.060 | 0.010 | ଶାରଦ ଏକ | |
| | 669 | 0.250 | 0.190 | ଶାରଦ ଦୁଇ | |
| 218 | 1078 | 0.080 | 0.080 | ଶାରଦ ଦୁଇ | ପୂର୍ଣ୍ଣଚନ୍ଦ୍ର ପାତ୍ର, ପି.- ମହେନ୍ଦ୍ର ପାତ୍ର, ଜା: କୁଦୁମା, ବା: ନିଜଗାଁ |
| 219 | 1140 | 0.070 | 0.060 | ଆଡ଼ି | ପୂର୍ଣ୍ଣଚନ୍ଦ୍ର ପାତ୍ର, ରାମଚନ୍ଦ୍ର ପାତ୍ର, ପି. ମହେନ୍ଦ୍ର ପାତ୍ର, ସୁଧନ ଚନ୍ଦ୍ର ପାତ୍ର, ପି. ଇନ୍ଦ୍ର ପାତ୍ର, ଗଙ୍ଗାମଣୀ ପାତ୍ର, ସ୍ୱା. ଇନ୍ଦ୍ର ପାତ୍ର, ଜା: କୁଦୁମା, ବା: ନିଜଗାଁ |
| | 1139 | 0.870 | 0.160 | ଜଳାଶୟ ଦୁଇ | |
| | 1166 | 0.140 | 0.110 | ଆଡ଼ି | |
| 230 | 524 | 1.170 | 0.260 | ଶାରଦ ଦୁଇ | ବରେନ୍ଦ୍ର ଘୋଷ, ପି. ପାରୁ ଘୋଷ, ମାଣିକ ଘୋଷ, ସ୍ୱା. ପାରୁ ଘୋଷ, ଜା: ସଦଗୋପ, ବା: ନିଜଗାଁ |
| 238 | 1542 | 0.130 | 0.020 | ଶାରଦ ତିନି | ବ୍ରଜେନ୍ଦ୍ର ସାମଲ, ରାଜେନ୍ଦ୍ର ସାମଲ, କାଳନ୍ଦି ସାମଲ, ସତ୍ୟେନ୍ଦ୍ର ସାମଲ, ପି. ଭାଗବତ ସାମଲ, ପୁଣ୍ଟିମଣି ସାମଲ, ସ୍ୱା. ଭାଗବତ ସାମଲ, ଜା: କୁଦୁମା ବା: ନିଜଗାଁ |
| | 1528 | 0.180 | 0.170 | ଶାରଦ ତିନି | |
| | 1530 | 0.120 | 0.100 | ଶାରଦ ତିନି | |
| 245 | 166 | 1.340 | 0.440 | ଶାରଦ ଏକ | ବିଦ୍ୟାଧର ମହାନ୍ତି, ପି. ରମାନାଥ ମହାନ୍ତି, ଜା: କରଣ, ବା: ଗୁଆଗଡ଼ିଆ |
| | 242 | 0.440 | 0.120 | ଶାରଦ ଏକ | |
| 256 | 508 | 0.420 | 0.330 | ଶାରଦ ଦୁଇ | ବିଭୂତି ଭୂଷଣ ଦାସ, ପି. ହରିପ୍ରସାଦ ଦାସ, ଜା: ବ୍ରାହ୍ମଣ, ବା: ବେହେରା ସାହି |
| 263 | 171 | 0.310 | 0.010 | ଶାରଦ ଏକ | ବୈକୁଣ୍ଠ ବେହେରା, ପି. ବୀରୁ ବେହେରା, ଭୂପତି ବେହେରା, ମଲିକା ବେହେରା, ପି. ଅପର୍ତ୍ତୀ ବେହେରା, ଜା: ସଦଗୋପ, ବା: ନିଜଗାଁ |
| 264 | 270 | 0.250 | 0.070 | ଶାରଦ ଏକ | ଭଗବାନ ବେହେରା, ନଗେନ୍ଦ୍ର ବେହେରା, ପି. ଅଙ୍କୁର ବେହେରା, ଜା: କୁମ୍ଭାର, ବା: ଦକ୍ଷିଣ ପ୍ରହରାଜପୁର |
| 282 | 1488 | 1.420 | 0.080 | ଶାରଦ ତିନି | ଭାକୁ ପାତ୍ର, ପି. ଲକ୍ଷ୍ମଣ ପାତ୍ର, ଜା: କୁଦୁମା, ବା: ନିଜଗାଁ |
| 287 | 446 | 0.270 | 0.070 | ଶାରଦ ଦୁଇ | ଭାଗବତ ମହାନ୍ତି, ଭାସ୍କର ମହାନ୍ତି, ଦିବାକର ମହାନ୍ତି, ପି. ସୁରେନ୍ଦ୍ର ମହାନ୍ତି, ଜା: ସଦଗୋପ, ବା: ନିଜଗାଁ |
| 300 | 1144 | 1.200 | 0.0670 | ଶାରଦ ଦୁଇ | ଭାଷ୍କର ବେହେରା, ପି. ହାଡୁ ବେହେରା, ଜା: ସଦଗୋପ, ବା: ବେହେରା ସାହି |
| 306 | 261 | 0.360 | 0.110 | ଶାରଦ ଏକ | ଭୁବନି ବେହେରା, ପି. ଧନି ବେହେରା, ଜା: କୁମ୍ଭାର, ବା: ଦକ୍ଷିଣ ପ୍ରହରାଜପୁର |
| 313 | 427 | 0.380 | 0.180 | ଶାରଦ ଦୁଇ | ମହେନ୍ଦ୍ର ଜେନା, ପି. କାର୍ତ୍ତିକ ଜେନା, ଜା: ନମସୁଦ୍ର, ବା: ଗୁଆଗଡ଼ିଆ |
| 316 | 1113 | 0.340 | 0.190 | ଶାରଦ ଦୁଇ | ମଘନାଦ ପାତ୍ର, ପି. ପ୍ୟାରି ପାତ୍ର, ଜା: କୁଦୁମା, ବା: ନିଜଗାଁ |
| | 445 | 0.13 | 0.100 | ଶାରଦ ଦୁଇ | |
| 324 | 668 | 0.170 | 0.020 | ଶାରଦ ଦୁଇ | ରବୀନ୍ଦ୍ର ନାଥ ମହାନ୍ତି, ପି. ଶୀତଳ ମହାନ୍ତି, ଜା: କରଣ, ବା: ଗୁଆଗଡ଼ିଆ |
| | 670 | 0.100 | 0.070 | ଶାରଦ ଦୁଇ | |
| 329 | 248 | 0.160 | 0.020 | ଶାରଦ ଏକ | ରବିନ୍ଦ୍ର ଦାସ, ପି. ଲାଲମୋହନ ଦାସ, ଜା: କୁମ୍ଭାର, ବା: ମାଗୁଣିଆପଡ଼ା |
| 339 | 1165 | 0.030 | 0.030 | ଶାରଦ ତିନି | ରାଜେନ୍ଦ୍ର ନାଥ ବାରିକ, ରବିନ୍ଦ୍ର ନାଥ ବାରିକ, ପି. ଅବନି ବାରିକ, ଜା: ସଦଗୋପ, ବା: ନିଜଗାଁ |
| | 417 | 0.225 | 0.100 | ଶାରଦ ଏକ | |
| 346 | 668/ 1944 | 0.030 | 0.010 | ଶାରଦ ଏକ | ରାମଚନ୍ଦ୍ର ମହାନ୍ତି, ହରିନାରାୟଣ ମହାନ୍ତି, ରତ୍ନମଣି ମହାନ୍ତି, ପି. ଜଳଧର ମହାନ୍ତି, ସାବିତ୍ରୀ ମହାନ୍ତି, ସ୍ୱା. ଜଳଧର ମହାନ୍ତି, ଶ୍ରୀଧର ମହାନ୍ତି, ପି. ସନ୍ନ୍ୟାସୀ ମହାନ୍ତି, ଜା: କରଣ, ବା: ଗୁଆଗଡ଼ିଆ |
| 347 | 1167 | 0.439 | 0.270 | ଶାରଦ ତିନି | ରାମକୃଷ୍ଣ ବାରିକ, ପି. ନାରାୟଣ ବାରିକ, ଜା: ସଦଗୋପ, ବା: ନିଜଗାଁ |
| | 436 | 0.480 | 0.020 | ଶାରଦ ଦୁଇ | |
| 361 | 1551 | 0.120 | 0.050 | ଶାରଦ ତିନି | ଲକ୍ଷ୍ମୀ ଯେନା, ସ୍ୱା. ତ୍ରୈଲୋକ୍ୟ ଯେନା, ପ୍ରମିଳା ଯେନା, ଉର୍ମିଳା ଯେନା, ପି. ତୈଲୋକ୍ୟ ଯେନା, ଜା: କୁଦମା, ବା: ନିଜଗାଁ |
| 370 | 1538 | 0.080 | 0.010 | ଶାରଦ ତିନି | ଶଚୀନ୍ଦ୍ର ବାରିକ, ପି. ବଳଭଦ୍ର ବାରିକ, ଜା: ସଦଗୋପ, ବା: ନିଜଗାଁ |
| | 1108/ 2047 | 0.220 | 0.080 | ଶାରଦ ଦୁଇ | |
| 372 | 1108 | 0.130 | 0.130 | ଶାରଦ ଦୁଇ | ଶଚିନ୍ଦ୍ର ବାରିକ, ସୁରେନ୍ଦ୍ର ବାରିକ, ବିଭୂତି ବାରିକ, ନିରଞ୍ଜନ ବାରିକ, ପି. ବଳଭଦ୍ର ବାରିକ, ଉମେଶ ବାରିକ, ରମେଶ ବାରିକ, ପି. ଅଭିଳାଷ ବାରିକ, ଜା: ସଦଗୋପ, ବା: ନିଜଗାଁ |
| 378 | 1101 | 0.610 | 0.320 | ଶାରଦ ତିନି | ସନ୍ନ୍ୟାସୀ ଘୋଷ, ପି. ଶିବ ଘୋଷ, ଜା: ସଦଗୋପ, ବା: ନିଜଗାଁ |
| 385 | 406 | 0.710 | 0.080 | ଶାରଦ ଦୁଇ | ସରୋଜିନୀ ପାତ୍ର, ସ୍ୱା. ଭାସ୍କର ପାତ୍ର, ଜା: କୁଦୁମା, ବା: ନିଜଗାଁ |
| | 407 | 0.41 | 0.220 | ଶାରଦ ଦୁଇ | |
| 389 | 253 | 0.350 | 0.130 | ଶାରଦ ଏକ | ସାତ୍ତୁକ ବେହେରା, ପି. ହଗୁରୀ ବେହେରା, ଜା: କୁମ୍ଭାର, ବା: ଦକ୍ଷିଣ ପ୍ରହରାଜପୁର |
| 394 | 510 | 0.920 | 0.040 | ଶାରଦ ଦୁଇ | ଶିବ ଜେନା, ଗୋବିନ୍ଦ ଜେନା, ପି. ବୀର ଜେନା, ଜା: କୁଦୁମା, ବା: ବେହେରା ସାହି |
| | 1142 | 0.070 | 0.070 | ଶାରଦ ତିନି | |
| 403 | 511 | 0.07 | 0.040 | ଶାରଦ ଦୁଇ | ଶ୍ରୀହରି ଚରଣ ଘୋଷ, ବନବିହାରୀ ଘୋଷ, କୁଞ୍ଜବିହାରୀ ଘୋଷ, ପି. ଭୋଳାନାଥ ଘୋଷ, ସାରଦା ଘୋଷ, ସ୍ୱା. ଭୋଳାନାଥ ଘୋଷ, ଜା: ସଦଗୋପ, ବା: ବେହେରାସାହି |
| | 514 | 0.145 | 0.145 | ଶାରଦ ଦୁଇ | |
| | 516 | 0.145 | 0.100 | ଶାରଦ ଦୁଇ | |
| 407 | 519 | 0.020 | 0.020 | ଶାରଦ ଦୁଇ | ସୁଧନ ପାତ୍ର, ନେତ୍ର ପାତ୍ର, ପି. ଇନ୍ଦ୍ର ନାରାୟଣ ପାତ୍ର, ଗଙ୍ଗାମଣି ପାତ୍ର, ସ୍ୱା. ଇନ୍ଦ୍ର ନାରାୟଣ ପାତ୍ର, ଜା: କୁଦୁମା, ବା: ନିଜଗାଁ |
| 412 | 341 | 0.240 | 0.180 | ଶାରଦ ଏକ | ସୁଧୀର କୁମାର ଦାସ, ପି. ବିଭୂତି ଭୂଷଣ ଦାସ, ଜା: କରଣ, ବା: ଗୁଆଗଡ଼ିଆ |
| 413 | 1543 | 0.120 | 0.010 | ଶାରଦ ତିନି | ସୁପତି ଜେନା, ପି. ଦ୍ୱାରୀ ଜେନା, ଜା: କୁଦୁମା, ବା: ନିଜଗାଁ |
| | 172 | 0.080 | 0.020 | ଶାରଦ ଦୁଇ | |
| 418 | 1116 | 0.180 | 0.180 | ଶାରଦ ଦୁଇ | ସୁରେନ୍ଦ୍ର ବାରିକ, ପି. ବଳଭଦ୍ର ବାରିକ, ଜା: ସଦଗୋପ, ବା: ନିଜଗାଁ |
| 419 | 444 | 0.150 | 0.090 | ଶାରଦ ଦୁଇ | ସୁରେନ୍ଦ୍ର ସାମଲ, ପି. ପଇନ ସାମଲ, ଜା: ସଦଗୋପ, ବା: ନିଜଗାଁ |
| | 673 | 0.280 | 0.140 | ଶାରଦ ଦୁଇ | |
| 425 | 1014 | 0.040 | 0.010 | ଆଡ଼ି | ସୃଷ୍ଟିଧର ବାରିକ, ପି. ଶମ୍ଭୁନାଥ ବାରିକ, ଜା: ସଦଗୋପ, ବା: ନିଜଗାଁ, କିସ୍ମତ ଚାରି ଅଣା, ବା: ଭଗବାନ ଚନ୍ଦ୍ର ଘୋଷ, ପି. ବଙ୍କିମ ଚନ୍ଦ୍ର ଘୋଷ, ପଙ୍କଜିନୀ ଘୋଷ, ସ୍ୱା. ଭଗବାନ ଘୋଷ, ଜା: ସଦଗୋପ, ବା: ନିଜଗାଁ, କିସ୍ମତ ନଅ ଅଣା, ବା: ରାମଚନ୍ଦ୍ର ପାତ୍ର, ପି. ମହେନ୍ଦ୍ର ପାତ୍ର, ଜା: କୁଦୁମା, ବା: ନିଜଗାଁ, କିସ୍ମତ ତିନି ଅଣା, ବା: ରାଜୀବ ଲୋଚନ ଘୋଷ, ପ୍ରଦୀପ କୁମାର ଘୋଷ, ପି. ଭଗବାନ ଘୋଷ, ଜା: ସଦଗୋପ, ବା: ନିଜଗାଁ, କିସ୍ମତ ଟ ତିନିଅଣା ପି. ବା: |
| 426 | 536 | 0.400 | 0.020 | ଶାରଦ ଦୁଇ | ହଗୁରୀ ବେହେରା, ପି. ଶମ୍ଭୁ ବେହେରା, ଜା: ସଦଗୋପ, ବା: ନିଜଗାଁ |
| 429 | 1146 | 0.140 | 0.030 | ଶାରଦ ତିନି | ହର ସାମଲ, ପି. କୁଅଁର ସାମଲ, ଜା: କୋଦମା, ବା: ବେହେରାସାହି |
| 432 | 539 | 0.560 | 0.190 | ଶାରଦ ଦୁଇ | ହରିପଦ ପଟ୍ଟନାୟକ, ପି. କାଳିଚରଣ ପଟ୍ଟନାୟକ, ଜା: କରଣ, ବା: ଗୁଆଗଡ଼ିଆ |
| | 559 | 0.730 | 0.190 | ଶାରଦ ଦୁଇ | |
| 438 | 453 | 0.380 | 0.130 | ଶାରଦ ଦୁଇ | ହରେନ୍ଦ୍ର ଘୋଷ, ପି. ମଦନ ଘୋଷ, ଜା: ସଦଗୋପ, ବା: ନିଜଗାଁ |
| 439 | 1141 | 0.170 | 0.050 | ଶାରଦ ତିନି | ହରେନ୍ଦ୍ର ଜେନା, ପି. ଦ୍ୱାରୀ ଜେନା, ଜା: କୁଦୁମା, ବା: ନିଜଗାଁ |
| | 1075 | 0.060 | 0.010 | ଶାରଦ ଦୁଇ | |
| | 1077 | 0.100 | 0.010 | ଶାରଦ ଦୁଇ | |
| 447 | 1541 | 0.100 | 0.030 | ଶାରଦ ତିନି | ହରେନ୍ଦ୍ର ବିଶ୍ୱାଳ, ପି. ବର୍ଦ୍ଧୁ ବିଶ୍ୱାଳ, ଜା: ସଦଗୋପ, ବା: ନିଜଗାଁ |
| | 426 | 0.280 | 0.120 | ଶାରଦ ଦୁଇ | |
| | 691 | 0.310 | 0.020 | ଶାରଦ ଏକ | |
| 455/ 23 | 1112 | 0.120 | 0.110 | ଶାରଦ ଦୁଇ | ସନ୍ତୋଷ କୁମାର ମଙ୍ଗଳ, ଶ୍ରୀମନ୍ତ କୁମାର ମଙ୍ଗଳ, ପି. ଅପର୍ତ୍ତୀ ମଙ୍ଗଳ, ଜା: କୁଦୁମା, ବା: ନିଜଗାଁ |
| 455/ 28 | 1147/ 1969 | 0.050 | 0.030 | ଶାରଦ ଦୁଇ | କାହ୍ନୁ ଚରଣ ସାମଲ, ଅନନ୍ତ କୁମାର ସାମଲ, ପି. ହର ସାମଲ, ଜା: କୁଦୁମା, ବା: ବେହେରାସାହି |
| 455/ 32 | 1145 | 0.080 | 0.080 | ଶାରଦ ଦୁଇ | ଗୌରହରି ବେହେରା, ପି. ନୀଳକଣ୍ଠ ବେହେରା, ଜା: ତନ୍ତୀ, ବା: ବେହେରାସାହି |
| | 515/ 1968 | 0.06 | 0.060 | ଶାରଦ ଦୁଇ | |
| 455/ 33 | 714/ 2049 | 0.300 | 0.300 | ଶାରଦ ଏକ | ଆନନ୍ଦ କୁମାର ମାଝୀ, ସନନ୍ଦ କୁମାର ମାଝୀ, ପି. ନରେନ୍ଦ୍ର ନାଥ ମାଝୀ, ଜା: କେଶୁରିଆ, ବା: ଗୁଆଗଡ଼ିଆ |
| 455/ 35 | 518 | 0.080 | 0.080 | ଶାରଦ ଦୁଇ | ବାନୁ ଚରଣ ବେହେରା, ପି. ନରେନ୍ଦ୍ର ବେହେରା, ଜା: ସଦଗୋପ, ବା: ବେହେରାସାହି |
| 455/ 36 | 173 | 0.090 | 0.060 | ଶାରଦ ଏକ | ଅମିତ କୁମାର ଭୂୟାଁ, ପି. ଗୁଣାଧର ଭୂୟାଁ, ଜା: କୁଦୁମା, ବା: ନିଜଗାଁ |
| 455/ 57 | 710 | 0.135 | 0.135 | ଶାରଦ ଏକ | କେଦାରନାଥ ବେହେରା, ସନ୍ତୋଷ କୁମାର ବେହେରା, ଶ୍ରୀଧର ବେହେରା, ପି. ଦିବାକର ବେହେରା, ଜା: ଦଣ୍ଡଛତ୍ର ମାଝୀ, ବା: ମାଗୁଣିଆପଡ଼ା |
| 455/ 61 | 1076 | 0.070 | 0.050 | ଶାରଦ ଦୁଇ | ଅମର କୁମାର ଜେନା, ପି. ବିପିନ ବିହାରୀ ଜେନା, ଜା: କୁଦୁମା, ବା: ନିଜଗାଁ |
| 455/ 75 | 450 | 0.150 | 0.020 | ଶାରଦ ଏକ | ଗୋବିନ୍ଦ ଚନ୍ଦ୍ର ଘୋଷ, ଅରବିନ୍ଦ ଘୋଷ, ବିଜୟ ଘୋଷ, ଅଜୟ ଘୋଷ, ପି. ସନ୍ନ୍ୟାସୀ ଘୋଷ, ଜା: ସଦଗୋପ, ବା: ନିଜଗାଁ |
| 455/ 78 | 417/ 2073 | 0.075 | 0.075 | ଶାରଦ ଦୁଇ | ନଗେନ୍ଦ୍ର ନାଥ ଜେନା, ପି. ସୁପତି ଚରଣ ଜେନା, ଜା: କୁଦୁମା, ବା: ନିଜଗାଁ |
| 455/ 79 | 417/ 2074 | 0.09 | 0.020 | ଶାରଦ ଦୁଇ | ଗୋବିନ୍ଦ ଘୋଷ, ଅରବିନ୍ଦ ଘୋଷ, ବିଜୟ ଘୋଷ, ଅଜୟ ଘୋଷ, ପି. ସନ୍ନ୍ୟାସ ଘୋଷ, ଜା: ସଦଗୋପ, ବା: ନିଜଗାଁ |
| 455/ 82 | 257/ 1977 | 0.310 | 0.010 | ଶାରଦ ଦୁଇ | ଜଳଧର ଜେନା, ପି. ନନ୍ଦ ଜେନା, ଜା: ନମସୁଦ୍ର, ବା: ଦକ୍ଷିଣ ପ୍ରହରାଜପୁର |
| 455/ 89 | 1111 | 0.180 | 0.160 | ଶାରଦ ଦୁଇ | ବିଜୟ କୁମାର ବାରିକ, ଅଜୟ କୁମାର ବାରିକ, ପି. ଛଚିନ୍ଦ୍ର ବାରିକ, ଜା: ସଦଗୋପ, ବା: ନିଜଗାଁ |
| | 1110/ 2655 | 0.05 | 0.010 | ଶାରଦ ଦୁଇ | |
| 455/ 95 | 505 | 0.100 | 0.080 | ଶାରଦ ଦୁଇ | ରାମଚନ୍ଦ୍ର ବେହେରା, ପି. ଉପେନ୍ଦ୍ର ବେହେରା, ଜା: ସଦଗୋପ, ବା: ବେହେରାସାହି |
| 455/ 104 | 519/ 1970 | 0.050 | 0.050 | ଶାରଦ ଦୁଇ | ଭାନୁ ଚରଣ ବେହେରା, ପି. ନରେନ୍ଦ୍ର ବେହେରା, ଜା: ସଦଗୋପ, ବା: ବେହେରାସାହି |
| | 519/ 1970/ 2059 | 0.050 | 0.050 | ଶାରଦ ଦୁଇ | |
| | 519/ 2102 | 0.100 | 0.040 | ଶାରଦ ଦୁଇ | |
| 455/ 114 | 561 | 0.190 | 0.010 | ଶାରଦ ଦୁଇ | ଗୁଣାଧର ଭୂୟାଁ, ପି. କେଦାରନାଥ ଭୂୟାଁ, ଜା: କୁଦୁମା, ବା: ନିଜଗାଁ |
| 455/ 115 | 296 | 0.080 | 0.070 | ଶାରଦ ଏକ | ଅସୀତ କୁମାର ଭୂୟାଁ, ପି. ଗୁଣାଧର ଭୂୟାଁ, ଜା: କୁଦୁମା, ବା: ନିଜଗାଁ |
| 455/ 120 | 507 | 0.180 | 0.180 | ଶାରଦ ଦୁଇ | ଶମ୍ଭୁନାଥ ବାଗ, ପି. କୃତ୍ତିବାସ ବାଗ, ଜା: ସଦଗୋପ, ବା: ବେହେରା ସାହି |
| 455/ 125 | 1164/ 2619 | 0.04 | 0.040 | ଶାରଦ ତିନି | ଶ୍ରୀ ହରି ବେହେରା, ପି. ନୀଳକଣ୍ଠ ବେହେରା, ଜା: ତନ୍ତୀ, ବା: ବେହେରା ସାହି |
| 455/ 128 | 281 | 0.080 | 0.030 | ଶାରଦ ଏକ | ମନୋରଞ୍ଜନ ବେହେରା, ପି. ଭୂବନ ଚନ୍ଦ୍ର ବେହେରା, ଜା: କୁମ୍ଭକାର, ବା: ଦକ୍ଷିଣ ପ୍ରହରଜାପୁର |
| 455/ 129 | 405 | 0.110 | 0.090 | ଶାରଦ ଏକ | ବାବୁ ମୁର୍ମୁ, ପି. ବାଙ୍ଗରା ମୁର୍ମୁ, ଜା: ସାନ୍ତାଳ, ବା: ନିଜଗାଁ |
| 455/ 135 | 1168/ 2065 | 0.100 | 0.080 | ଶାରଦ ତିନି | ପ୍ରଭାତ ଚନ୍ଦ୍ର ବାରିକ, ପି. ଅଭିଳାଷ ବାରିକ, ଜା: ସଦଗୋପ, ବା: ନିଜଗାଁ |
| 455/ 139 | 445/ 1949 | 0.065 | 0.010 | ଶାରଦ ଦୁଇ | ଅନନ୍ତ କୁମାର ସାମଲ, ବସନ୍ତ କୁମାର ସାଲ, ପି. ସୁରେନ୍ଦ୍ର ସାମଲ, ଜା: ସଦଗୋପ, ବା: ନିଜଗାଁ |
| | 445/ 2061 | 0.13 | 0.050 | ଶାରଦ ଦୁଇ | |
| 455/ 159 | 288 | 0.090 | 0.080 | ଶାରଦ ଏକ | ଭାସ୍କର ଦତ୍ତ, ଅନିଲ କୁମାର ଦତ୍ତ, ପି. ଦାମୋଦର ଦତ୍ତ, ଜା: ରାଜୁ, ବା: ଗୁଆଗଡ଼ିଆ, ଥା: ରାଇବଣିଆ |
| | 287 | 0.070 | 0.020 | ଶାରଦ ଏକ | |
| | 286 | 0.180 | 0.120 | ଶାରଦ ଏକ | |
| | 671 | 0.030 | 0.010 | ଶାରଦ ଦୁଇ | |
| 455/ 163 | 689 | 0.320 | 0.210 | ଶାରଦ ଦୁଇ | ସୃଷ୍ଟିଧର ଘୋଷ, ପି. ହାରାଧନ ଘୋଷ, ଜା: ସଦଗୋପ, ବା: ଦକ୍ଷିଣ ପ୍ରହରାଜପୁର ସାମିଲ, ଗୁଆଗଡ଼ିଆ, ଥା: ରାଇବଣିଆ |
| 455/ 164 | 534/ 2643 | 0.12 | 0.010 | ଶାରଦ ଦୁଇ | ମଞ୍ଜୁରାଣୀ ପାଳ, ସ୍ୱା. ଅଶୋକ କୁମାର ପାଳ, ଜା: ସଦଗୋପ, ବା: ମୁଣ୍ଡୁଣିଆ |
| 455/ 176 | 1118 | 0.130 | 0.050 | ଶାରଦ ଦୁଇ | ଶ୍ରୀକାନ୍ତ ବାରିକ, ପି. ସୁରେନ୍ଦ୍ର ବାରିକ, ଜା: ସଦଗୋପ, ବା: ନିଜଗାଁ |
| 455/ 187 | 387 | 0.490 | 0.020 | ଶାରଦ ଏକ | ଶ୍ରୀୟାନସ ଘୋଷ, ପି. ସଞ୍ଜୀବ କୁମାର ଘୋଷ, ଜା: ସଦଗୋପ, ବା: ନିଜଗାଁ |
| 455/ 189 | 540 | 0.460 | 0.220 | ଶାରଦ ଦୁଇ | ଦେବ ପ୍ରସାଦ ଘୋଷ, ପି. ପ୍ରଦୀପ କୁମାର ଘୋଷ, ଜା: ସଦଗୋପ, ବା: ନିଜଗାଁ |
| 455/ 196 | 512 | 0.030 | 0.030 | ଶାରଦ ଦୁଇ | ଅଜୟ କୁମାର ଜେନା, ପି. କୁମେଦ ଜେନା, ଜା: କୁଦୁମା, ବା: ନିଜଗାଁ |
| | 511/ 2667 | 0.01 | 0.010 | ଶାରଦ ଦୁଇ | |

## କ୍ରିକେଟ: ସେମିରେ ଉପରବାହାଲ

ପଦ୍ମପୁର,(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ନିକଟ ମହୁଲପାଲି ସ୍କୁଲ ପଡ଼ିଆରେ କେ.ସି.ସି. ପକ୍ଷରୁ ଆୟୋଜିତ ୨୦ତମ କ୍ରିଷ୍ଣା କପ୍ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍ଘାଟିତ ହୋଇଛି। ଉଦ୍ଘାଟନୀ ମ୍ୟାଚ୍‌ରେ ଉପରବାହାଲ ଦଳ କଲଙ୍ଗାପାଲି ଦଳକୁ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ଖଇରପାଲି ଦଳ ଗସ୍ତିଡିହି ଦଳକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। କ୍ୱାର୍ଟର ଫାଇନାଲରେ ଖଇରପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ହରାଇ ୯୭ ରନ ସଂଗ୍ରହ କରିଥିଲା। ଜବାବରେ ଉପରବାହାଲ ଦଳ ୨ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଉଦଘାଟନୀ ଉତ୍ସବରେ ବିରେନ୍ଦ୍ର ସାହୁ ମୁଖ୍ୟଅତିଥି ଏବଂ ନରେନ୍ଦ୍ର ବରିହା, ନରେନ୍ଦ୍ର ପ୍ରଧାନ ଓ କିଶୋର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### କରାଟେରେ ଲୋକେଶ ରଞ୍ଜନଙ୍କୁ ସ୍ୱର୍ଣ୍ଣ



**କୋକସରା,୨୪।୧୨(ଡି.ଏନ.ଏ.):** ଭୁବନେଶ୍ୱରସ୍ଥିତ ରେଲୱ଼େ ଇନ୍‌ଡୋର ଷ୍ଟାଡିୟମରେ ଓପନ ଓଡ଼ିଶା ଷ୍ଟେଟ କରାଟେ ଚାମ୍ପିୟନଶିପରେ କଳାହାଣ୍ଡି ଜିଲା କୋକସରା ବ୍ଲକ ଝରିଆଗୁଡା ଗ୍ରାମର ଲୋକେଶ ରଞ୍ଜନ ନିଆଲଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ଭବାନୀପାଟଣା କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଏହି ଓପନ କରାଟେ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ୨ଟି ସ୍ୱର୍ଣ୍ଣ ପଦକ ହାସଲ କରଛନ୍ତି। କଳାହାଣ୍ଡି ଜିଲା ପକ୍ଷରୁ ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ୯ ଖେଳାଳି ପ୍ରତିଯୋଗୀତାରେ ଭାଗ ନେଇଥିଲେ। କରାଟେ ଆସୋସିଏଶନ ଅଫ ଇଣ୍ଡିଆ ଅନୁମୋଦନକ୍ରମେ କରାଟେ ଓପନ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ଲୋକେଶ ରଞ୍ଜନ ନିଆଲ ଏକା ସାଙ୍ଗରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରି ଜିଲା ସମେତ କୋକସରା ବ୍ଲକ ଝରିଆଗୁଡା ଗ୍ରାମ ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି ସଫଳତା ଲାଗି ଲୋକେଶଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ସୁଅ ଛୁଟିଛି। କରାଟେରେ ରାଜ୍ୟ, ଦେଶ ଓ ବିଦେଶରେ ଏକ ଉଦୀୟମାନ ଖେଳାଳି ହେବାକୁ କୋକସରା ବ୍ଲକ ଝରିଆଗୁଡା ଗ୍ରାମର ବାପା ଶିକ୍ଷକ କ୍ଷୀରସିନ୍ଧୁ ନିଆଲ ଓ ମା' ଚେତାବନୀ ନାଏକଙ୍କ ପୁଅ ଲୋକେଶ ରଞ୍ଜନ ଲକ୍ଷ୍ୟ ରଖିଥିବା କହିଛନ୍ତି।

### ଡୁର୍କାମୁଣ୍ଡାରେ ଛେଳି ମଡ଼କ, ୨ ଦିନରେ ୧୭ ଛେଳି ମୃତ

**ବୋଡେନ,୨୪।୧୨(ଡି.ଏନ.ଏ.):** ନୂଆପଡା ଜିଲା ବୋଡେନ ଥାନା ଅନ୍ତର୍ଗତ ଡୁର୍କାମୁଣ୍ଡା ଗାଁରେ ଗତ ୨ଦିନ ଗୁରୁବାର ଓ ଶୁକ୍ରବାର ମଧରେ ୧୭ଟି ଛେଳି ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସୂଚନା ଯେ, ଡୁର୍କାମୁଣ୍ଡା ଗାଁର ଚାଷୀ ବିକ୍ରମ ଘିଭେଲାଙ୍କ ୬ଟି, ପରାସ ଘୁିଭେଲାଙ୍କ ୬ଟି, ଧନସିଂ ନିଆଲଙ୍କ ୨ଟି, ବିଶେଶ୍ୱର ନିଆଲଙ୍କ ୩ଟି ଛେଳି ମୃତ୍ୟୁ ବରଣ କରିଥିବା ଜଣାପଡିଛି। ଗତ ୧୦ ଦିନ ପୂର୍ବରୁ ଗାଁକୁ ଯାଇ ଡମଝର ପ୍ରାଣୀ ଚିକିତ୍ସା କର୍ମଚାରୀ ଗ୍ରାମର ସମସ୍ତ ଛେଳିଙ୍କୁ ଭାକସିନ ଟିକା ଦେଇଥିଲେ। ଏହା ପରେ ଗଳା, ଗଣ୍ଠି ଫୁଲିବା ସହ ପେଟ ଫୁଲି ହଠାତ ଗ୍ରାମରେ ଛେଳି ସବୁ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଛେଳି ମୃତ ଘଟଣାକୁ ନେଇ ବୋଡେନ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧୀକାରୀ ଡ. ଦିପ୍ତିରଞ୍ଜନ ସ୍ୱାଇଁଙ୍କୁ ବୁଝିବାରୁ ଛେଳିମାନଙ୍କୁ ଟିକା ଦେବା କାରଣରୁ ଏଭଳି ଥଣ୍ଡା ହେବା ଫଳରେ ଛେଳିସବୁ ମୃତ୍ୟୁବରଣ ହୋଇଥିବା କହିଥିଲେ। ଚାଷୀମାନେ ଛେଳିଚାଷ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ବର୍ତ୍ତମାନ ଚିନ୍ତାରେ ପଡିଯାଇଛନ୍ତି। ସରକାରଙ୍କ ପକ୍ଷରୁ ଆର୍ଥିକ ସାହାଯ୍ୟତା ଯୋଗାଇ ଦେବା ପାଇଁ ଛେଳି ଚାଷୀମାନେ ଦାବି କରିଛନ୍ତି ।

### କଂଗ୍ରେସରୁ ଇସ୍ତଫା ଦେଲେ ଗୌରୀଶଙ୍କର

**ସୋନପୁର,୨୪।୧୨(ନି.ପ୍ର.):** ଯୁବ କଂଗ୍ରେସ ନେତା ଗୌରୀ ଶଙ୍କର ମହାପାତ୍ର ଶୁକ୍ରବାର କଂଗ୍ରେସ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ମହାପାତ୍ର ନିଜର ଇସ୍ତଫା ପତ୍ର ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିକଟକୁ ପଠାଇଥିବା ସୂଚନା ଦେଇଛନ୍ତି। ସୋନପୁର ସହର ୬ ନଂ ୱାର୍ଡର ସ୍ୱର୍ଗତ ଅଶୋକ ମହାପାତ୍ରଙ୍କ ପୁତ୍ର ଗୌରୀଶଙ୍କର ଛାତ୍ରାବସ୍ଥାରୁ କଂଗ୍ରେସ ଦଳ ସହିତ ଜଡିତ ଥିଲେ। ସେହିପରି ଦୀର୍ଘ ୬ ବର୍ଷ ଧରି ସୋନପୁର ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଦାୟିତ୍ୱରେ ଥିଲେ। ମହାପାତ୍ରଙ୍କ ଇସ୍ତଫାକୁ ନେଇ ସାଧାରଣରେ ନାନା ଚର୍ଚ୍ଚା ହେଉଛି। ତେବେ ସେ କେଉଁ ଦଳରେ ଯୋଗ ଦେବେ ସ୍ପଷ୍ଟ କରି ନାହାନ୍ତି।

### ଚାଷୀଙ୍କ ତାଲିମ ଶିବିର

**ଖପ୍ରାଖୋଲ,୨୪।୧୨(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ମାଟିଆଭଟା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କୃଷି ଓ ଉଦ୍ୟାନ କୃଷି ବିଭାଗ ପକ୍ଷରୁ କାଳିଆ ଯୋଜନା ଅନ୍ତର୍ଗତ ଭୂମହୀନ ଚାଷୀଙ୍କ ପାଇଁ ଅଭିମୁଖୀକରଣ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଗ୍ରାମ ପଞ୍ଚାୟତ ନୋଡାଲ ଅଫିସର କୁମୁଦିନୀ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ସହକାରୀ କୃଷି ଉଦ୍ୟାନ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ମେହେର, ସରପଞ୍ଚ ନୃସିଂହ ସାହୁ ପ୍ରମୁଖ ଯୋଗଦେଇ ଭୂମିହୀନ ଚାଷୀ କିଭଳି ସରକାରୀ ଯୋଜନାରେ ସାମିଲ ହୋଇ ରୋଜଗାରକ୍ଷମ ହୋଇପାରିବେ ସେନେଇ ତାଲିମ ପ୍ରଦାନ କରିଥିଲେ। ଫଳ ଚାଷ ଓ ପନିପରିବା ଚାଷ ସହିତ ସମନ୍ୱିତ କୃଷି ପ୍ରଣାଳୀ ଆପଣେଇ ଲାଭବାନ ହେବାକୁ ପରାମର୍ଶ ଦିଆଯାଇଥିଲା ।

# ରାଲି, ଜିଲାପାଳଙ୍କୁ ସ୍ମାରକପତ୍ର

**ସୋନପୁର,୨୪।୧୨(ନି.ପ୍ର.)**

### ଭୂମିହୀନଙ୍କୁ ଘରଡିହ ପଟ୍ଟା ପ୍ରଦାନ ଦାବି

ସୁବର୍ଣ୍ଣପୁର ଜିଲା ବସ୍ତିବାସିନ୍ଦା ସୁରକ୍ଷା ମଞ୍ଚ ପକ୍ଷରୁ ଭୂମିହୀନଙ୍କୁ ଘରଡିହ ପଟ୍ଟା ପ୍ରଦାନ ଦାବିରେ ଶୁକ୍ରବାର ସହରରେ ରାଲି ଅନୁଷ୍ଠିତ ହୋଇଯାଇଛି। ସୋନପୁର ବ୍ଲକ ଖରଖୁରା ପଞ୍ଚାୟତ ନୂଆବସ୍ତିର ଶତାଧିକ ମହିଳା ଓ ପୁରୁଷ ଏହି ରାଲିରେ ସାମିଲ ହୋଇଥିଲେ। ରାଲି ସୋନପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଭୂମିହୀନମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୧୬୦ରୁ ଊର୍ଦ୍ଧ୍ୱ ଭୂମିହୀନ ପରିବାର ଗତ ୩୫ ବର୍ଷ ଧରି ସରକାରୀ ଜମିରେ ଘର କରି ରହୁଛନ୍ତି। ଘରଡିହ ପଟ୍ଟା ପ୍ରଦାନ ପାଇଁ ଅନେକ ଥର ପ୍ରଶାସନକୁ ଗୁହାରି କରିଛନ୍ତି। ଭୂମିହୀନଙ୍କୁ ଘରଡିହ ପଟ୍ଟା ପ୍ରଦାନ ପାଇଁ



ବସ୍ତି ବାସିନ୍ଦା ସୁରକ୍ଷା ମଞ୍ଚ ପକ୍ଷରୁ ସୋନପୁରରେ ଅନୁଷ୍ଠିତ ରାଲି।

ସରକାର ନୀତିଗତ ନିଷ୍ପତ୍ତି ନେଇଥିବା ବେଳେ ପ୍ରଶାସନ ସେମାନଙ୍କ କଥା ଶୁଣୁ ନ ଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ବସ୍ତି ବାସିନ୍ଦା ସୁରକ୍ଷା ମଞ୍ଚ ପକ୍ଷରୁ ଜିଲାପାଳ ଅବୋଲି ସୁନିଲ ନରୱ଼ଣେଙ୍କୁ ସ୍ମାରକପତ୍ର ପ୍ରଦାନ କରା ଯାଇଥିଲା। ଜିଲାପାଳ ପ୍ରତିନିଧି ମଣ୍ଡଳୀଙ୍କ ସହିତ ଆଲୋଚନା କରି ଭୂମିହୀନଙ୍କୁ ଚିହ୍ନଟ କରି ୪ ଡେସିମିଲ ଲେଖାଏ ଘରଡିହ ପଟ୍ଟା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତୁରନ୍ତ ପଦକ୍ଷେପ ନେବାକୁ ଜିଲାପାଳ ନରୱ଼ଣେ ସୋନପୁର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଜିଲା ବସ୍ତି ବାସିନ୍ଦା ସୁରକ୍ଷା ମଞ୍ଚର ସଭାନେତ୍ରୀ ଜ୍ୟୋତିର୍ମୟୀ ରଥ ଓ ସମ୍ପାଦିକା ନୁର ବେଗମଙ୍କ ନେତୃତ୍ୱରେ ଉପସଭାପତି ପଦ୍ମାବତୀ ଗିରି, ପ୍ରେମଲତା ମେହେର, ଗଣେଷ ମେହେର, ବନିତା ମେହେର, ସତ୍ୟନାରାୟଣ ମେହେର, ଲବ ମେହେର, ମିଟୁ ମେହେର ଓ ପଦ୍ମିନୀ ମେହେର ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

# ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ: ଜରାସିଂଗା ଚାମ୍ପିୟନ, ପାଟଣାଗଡ଼ ରନର୍ସ ଅପ

**ବେଲପଡା,୨୪।୧୨(ଡି.ଏନ.ଏ.)**

ବେଲପଡା ବ୍ଲକ ମଣ୍ଡଳ ଗ୍ରାମର ଅଭୟ ଖେଳପଡିଆ ଠାରେ ଗତ ୧୫ ତାରିଖରୁ ଚାଲିଥିବା ଅଭୟ ପ୍ରସାଦ ଠାକୁର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଉଦଯାପନୀ ମ୍ୟାଚ ଜରାସିଂଗା ବନାମ ପାଟଣାଗଡ ଦଳ ମଧ୍ୟରେ ହୋଇଥିଲା। ଏଥିରେ ଜରାସିଂଗା ଦଳ ପାଟଣାଗଡ ଦଳକୁ ୧-୦ ଗୋଲ ଦେଇ ଚାମ୍ପିୟନ ହୋଇଛି। ଆଶୀର୍ବାଦ ସା, ପ୍ରତାପ ଭୁକତା, ଆଶିଷ ଦେବ ସା ରେଫରି ଦାୟିତ୍ୱ ନିର୍ବାହ କରିଥିବା ବେଳେ ବୁଲୁ ବର୍ଗତୀ ଓ ରଥାଙ୍ଗଧର ପାଢୀ ଧାରା ବିବରଣୀ ପ୍ରଦାନ କରିଥିଲେ । ଆୟୋଜକ କମିଟି ସଭାପତି ପ୍ରଶାନ୍ତ ଶବରଙ୍କ ସଭାପତିତ୍ୱ ଓ ଆଶୁତୋଷ ଠାକୁରଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ମଣ୍ଡଳ ଗ୍ରାମର ବ୍ୟବସାୟୀ ତଥା ସମାଜସେବୀ ମୁକେଶ ଠାକୁର ଯୋଗ ଦେଇ ଚାମ୍ପିୟନ ଜରାସିଂଗା ଦଳକୁ ଚାମ୍ପିୟନ କପ ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ । ସେହିପରି ରନର୍ସ ଅପ ପାଟଣାଗଡ ଦଳକୁ ସମ୍ମାନିତ ଅତିଥି ଇନ୍ଦୁ ଭୁଷଣ ଠାକୁର ରନର୍ସ କପ ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ । ଅନ୍ୟ ସମ୍ମାନିତ ଅତିଥି ଅଭିମନ୍ୟୁ ପୁରୋହିତ, ଗିରିରାଜ ଠାକୁର, ଶ୍ରୀବତ୍ସ ବେହେରା ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଖେଳାଳିମାନଙ୍କୁ ସମ୍ମାନିତ କରିଥିଲେ । ଆୟୋଜକ କମିଟିର ସଂପାଦକ ସଞ୍ଜୟ ଠାକୁର , କୁନୁ ମୁଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଟୁର୍ନାମେଣ୍ଟ ସମାପିତ ହୋଇଥିଲା ।

# କଣ୍ଟାମାଳ, ହରଭଙ୍ଗାରେ ଅତ୍ୟାଧୁନିକ ବସଷ୍ଟାଣ୍ଡ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ




ବସଷ୍ଟାଣ୍ଡର ଭିତ୍ତିପ୍ରସ୍ତର ସ୍ଥାପନ ମୁହୂର୍ତ୍ତ।

**ବୌଦ୍ଧ,୨୪।୧୨(ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ ଦ୍ୱାରା ୨୨ଟି ଜିଲାରେ ୫୫ଟି ବସଷ୍ଟାଣ୍ଡ ନିର୍ମାଣ ପାଇଁ ଘୋଷଣା କରିଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ବୌଦ୍ଧ ଜିଲାର କଣ୍ଟାମାଳ ଓ ହରଭଙ୍ଗା ବ୍ଲକରେ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଉପଲକ୍ଷେ ୨୩ ତାରିଖ ଆଭାସି ମାଧ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ହଲଠାରେ ବିଧାୟକ ପ୍ରଦୀପ କୁମାର ଅମାତ, ବିଧାୟକ ମହୀଧର ରଣା, ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଆଞ୍ଚଳିକ ପରିବହନ ଅଧିକାରୀ ଅମରେଶ କୁମାର ପାତ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ସାଲଖୁ ମୁର୍ମୁ, ଜୁନିୟର ମୋଟରଯାନ ନିରୀକ୍ଷକ ପ୍ରମୋଦ କୁମାର ସିଂହ, ବରିଷ୍ଠ ସହାୟକ ସୁରେନ ଚନ୍ଦ୍ର ମେହେର, କନଷ୍ଟେବଳ ପ୍ରକାଶ ବିଶ୍ୱାଳ, ସୁରକ୍ଷା କର୍ମୀ ବିଘ୍ନରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସାମଗ୍ରିକ କ୍ରୀଡ଼ାର ଉନ୍ନତି ଦିଗରେ କାର୍ଯ୍ୟ କରାଯିବ: ହରିନାରାୟଣ

**ବଲାଙ୍ଗୀର ଅଫିସ, ୨୪।୧୨**

ବିସିସିଆଇର ଟୁର, ଫିକ୍ସଚର୍ସ ଓ ଟେକ୍ନିକାଲ କମିଟିରେ ସଦସ୍ୟ ଭାବେ ମନୋନୀତ ହରିନାରାୟଣ ପୂଜାରୀଙ୍କୁ ଶୁକ୍ରବାର ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ଜିଲାର ଶତାଧିକ ସଙ୍ଗଠନ ପକ୍ଷରୁ ସାମୁହିକ ସମ୍ବର୍ଦ୍ଧନା ଦିଆଯାଇଛି । ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଉପସଭାପତି ଆନନ୍ଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବୀରେନ୍ଦ୍ର କୁମାର ଝାଙ୍କର ସଂଯୋଜନା କରିଥିଲେ। ସଭା ମଞ୍ଚରେ ସଂଘ ସାଧାରଣ ସମ୍ପାଦକ ବଳରାମ ମିଶ୍ର, ସତ୍ୟ ସୁନ୍ଦର ଭଞ୍ଜ, ଶରତଚନ୍ଦ୍ର ମିଶ୍ର ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ପୂଜାରୀଙ୍କୁ ଜିଲା ସାମ୍ବାଦିକ ସଂଘ, ଜିଲା କ୍ରୀଡା ସଂସଦ, ବାର ଆସୋସିଏଶନ, ନାଗରିକ କମିଟି, ନବକିଶୋର କ୍ଲବ , ମହିଳା କ୍ରିକେଟ କ୍ଲବ, ନାଏକ କ୍ରିକେଟ ଏକାଡେମୀ, ତହିଁକ ସାହିତ୍ୟ କୁସୁମ, ବଲାଙ୍ଗୀର ବଣିକ ସଂଘ, ଅବସରପ୍ରାପ୍ତ ସୈନିକ ସଂଘ, ବଲାଙ୍ଗୀର ଆକ୍ସନ କମିଟି, ସାଇଟ କଲଚରାଲ ସୋସାଇଟ, ବିଙ୍ଗ୍ ହ୍ୟୁମେନ ଫାଉଣ୍ଡେସନ, ମାହେଶ୍ୱରୀ ସେବା ସଙ୍ଗଠନ, ଭୂମିକା,




ବିସିସିଆଇ ସଦସ୍ୟ ହରିନାରାୟଣ ପୂଜାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ନବନିଯୁକ୍ତ ବିସିସିଆଇ ସଦସ୍ୟଙ୍କୁ ସମ୍ବର୍ଦ୍ଧନା

ରଚନା, ରୁଗୁଡିପଡ଼ା ଦୁର୍ଗାପୁଜା ଟ୍ରଷ୍ଟ, ନାରୀ ଶକ୍ତି ଫାଉଣ୍ଡେସନ, ଦୁଲଦୁଲି କଳା ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହାଛଡା ନ୍ୟାଶନାଲ ପିସ ୟୁନିସନ, ନଟରାଜ କଳା ପରିଷଦ, ସିନିୟର ଭଲିଭଲ ଟିମ, ଜିଲା ଖୋଖୋ ରେଫରି ଆସୋସିଏଶନ, ଲାଇଟ ଆଣ୍ଡ ସାଉଣ୍ଡ ଆସୋସିଏସନ ସମେତ ଜିଲାର ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତୀୟ ଭାଷଣରେ ଆନନ୍ଦ ଚନ୍ଦ୍ର ସାହୁ ବିସିସିଆଇ ସଦସ୍ୟ ପୂଜାରୀଙ୍କ ସଫଳ କ୍ରୀଡା ସାଂଗଠନିକ ଦକ୍ଷତା ଉପରେ କହିଥିଲେ । ସମ୍ବର୍ଦ୍ଧନା ଉତ୍ତରରେ ପୂଜାରୀ ଓଡିଶାର ସାମଗ୍ରିକ କ୍ରୀଡାର ଉନ୍ନତି ଦିଗରେ ଆଗକୁ କାର୍ଯ୍ୟ କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଶ୍ରୀକର ମିଶ୍ର, ପଦ୍ମାଚରଣ ଆଚାର୍ଯ୍ୟ, ରାଜେନ୍ଦ୍ର କଲେଜ ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର ବିନୟ ଜେନା, ରସରାଜ ଅଚ୍ୟୁତ୍ ପୁରୋହିତ ବକ୍ତବ୍ୟ ରଖିଥିଲେ। ଶେଷରେ ଉପସଭାପତି ସାହୁ ଧନ୍ୟବାଦ ଦେଇଥିଲେ।

# ପିକ୍‌ଅପ୍ ସହ ବାଇକ୍ ଧକ୍କା: ଜଣେ ମୃତ, ଜଣେ ଗୁରୁତର

**ବାଉଁଶୁଣୀ, ୨୪।୧୨(ଡି.ଏନ୍.ଏ.)**

ବୌଦ୍ଧ ଜିଲା ଦେଇ ଯାଇଥିବା ୫୭ନଂ. ଜାତୀୟ ରାଜପଥର ବାଉଁଶୁଣୀ ବାଘନଦୀ ଖଣ୍ଡି ନିକଟ ପେଟ୍ରୋଲ ପମ୍ପ ସାମ୍ନାରେ ବାଇଗଣ ବୋଝେଇ ପିକ୍‌ଅପ ଓ ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଜଣେ ବାଇକ୍ ଆରୋହୀ ମୃତ୍ୟୁବରଣ କରିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଗୁରୁବାର ରାତି ପ୍ରାୟ ୧୦ଟାରେ ଏକ ବାଇକ୍ ଓଆର୍ ୦୩ ଇ ୩୮୯୦ ଯୋଗେ ଦୁଇ ଜଣ ବାଉଁଶୁଣୀ ପଟରୁ ମନମୁଣ୍ଡା ଆଡ଼କୁ ଯାଉଥିବାବେଳେ ସାମ୍ନା ପଟରୁ ଆସୁଥିବା ପିକଅପ୍ ଓଆର୍ ୦୭ ଏଇ ୧୯୫୬ ସହ ଧକ୍କା ହୋଇଥିଲା । ଦୁର୍ଘଟଣାରେ ଉଭୟେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଉଭୟ ବାଇକ୍ ଆରୋହୀଙ୍କ ଅବସ୍ଥା ଗୁରୁତର ହେବାରୁ ସୋନପୁର ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ମନମୁଣ୍ଡା ଥାନା ଦେହୁରୀପାଲି ଗ୍ରାମର ବାବୁଲା ନାଏକ (୩୦)ଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଗୁରୁତରଙ୍କ ପରିଚୟ ମିଳିନି। ଘଟଣାସ୍ଥଳରେ ବାଉଁଶୁଣୀ ପୋଲିସ ପହଞ୍ଚି ଏକ ମାମଲା ରୁଜୁ କରି ପିକ୍‌ଅପ୍‌କୁ ଜବତ କରିଛି।

# ସ୍ୱତନ୍ତ୍ର କୋଭିଡ୍ ସହାୟତା ପାଇବେ ୧୧୧ ଖବରକାଗଜ ବିତରକ

**ବୌଦ୍ଧ,୨୪।୧୨(ସ୍ୱ.ପ୍ର.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ରାଜ୍ୟର ପଞ୍ଜିକୃତ ସମସ୍ତ ଖବରକାଗଜ ବିତରକଙ୍କ ନିମନ୍ତେ ସ୍ୱତନ୍ତ୍ର କୋଭିଡ୍ ସହାୟତା ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଉପଲକ୍ଷେ ଗତ ୨୩ ତାରିଖ ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ହଲଠାରେ କରୋନା କଟକଣାକୁ ଦୃଷ୍ଟିରେ ରଖି ୩୦ ଜଣ ଖବରକାଗଜ ବିତରକଙ୍କୁ ନେଇ ଆଭାସି ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାସ୍ତରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ, ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ କୁମାର ପ୍ରଧାନଙ୍କ ସମେତ ବୌଦ୍ଧ ଜିଲାର କାର୍ଯ୍ୟରତ ୩୦ ଖବରକାଗଜ ବିତରକ ଯୋଗଦାନ କରିଥିଲେ। ଏହି ଯୋଜନାରେ ଜିଲାର ସମୁଦାୟ ୧୧୧ ଜଣ ଖବରକାଗଜ ବିତରକ ପଞ୍ଜିକୃତ ହୋଇଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ସୂଚନା ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ଡିଇଜିଏମ ସମୀର କୁମାର ନାଏକ, ନେଟୱାର୍କ ଇଂ.ଓସ୍ୱାନ ଶ୍ରୀକାନ୍ତ ପୃଷ୍ଟି, କର୍ମଚାରୀ ମଣ୍ଟୁ ପାଣ୍ଡେ, ଯୁଧିଷ୍ଠିର ପ୍ରଧାନୀ ଓ ଅକ୍ଷୟ ମହାକୁଡ ସହଯୋଗ କରିଥିଲେ।

# ମା' ବନ୍ଦ୍ରେନ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ



ଉଭୟ ଦଳର ଖେଳାଳିମାନେ।

**ଲାଠୋର,୨୪।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲାଠୋର ଖେଳପଡିଆରେ ମା' ବନ୍ଦ୍ରେନ ଫୁଟବଲ କ୍ଲବ ଆନୁକୁଲ୍ୟରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ସମାଜସେବୀ ଶଙ୍କରଲାଲ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ପୂର୍ବତନ ଖେଳାଳି ଗଙ୍ଗାଧର ଭଇଁଷାଲ, ସଦାନନ୍ଦ ବେହେରା,ମିଠାଲାଲ ସୁନା, ସରପଞ୍ଚ ପ୍ରବୀଣ ଅଗ୍ରୱାଲ, ପୂର୍ବତନ ସରପଞ୍ଚ ସନ୍ତୋଷ ଭଇଁଷାଲ, ବଣ୍ଟି ଅଗ୍ରୱାଲ,ସତ୍ୟ ପଣ୍ଡା ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ ପିକେ ୱାରିୟର୍ସ ଏବଂ ଲାଠୋର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ପକ୍ଷର ଖେଳ ବହୁତ ରୋମାଞ୍ଚକ ରହିଥିଲା। ଲାଠୋର ଦଳର ସୁଟର ଅଜିତ ଶବର ପିକେ ୱାରିୟର୍ସକୁ ଦୁଇ ଗୋଟି ଗୋଲ ସ୍କୋର କରିଥିଲେ। ଜବାବରେ ପିକେ ୱାରିୟର୍ସ ଖେଳ ଶେଷ ସୁଦ୍ଧା ଗୋଟିଏ ହେଲେ ଗୋଲ ସ୍କୋର କରିପାରି ନ ପାରି ଫାଇନାଲରେ ପରାଜୟ ବରଣ କରିଥିଲା। ଲାଠୋର ଦଳ ୨-୦ ରେ ପିକେ ୱାରିୟର୍ସକୁ ହରାଇ ଚାମ୍ପିୟନ ହୋଇଥିଲା। ବିଜୟୀ ଲାଠୋର ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଅପ ପିକେ ୱାରିୟର୍ସ ଦଳକୁ ୭ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇ ଥିଲା। କିଶୋର ଧରୁଆ ଖେଳ ପରିଚାଳନା କରିଥିବା ବେଳେ ଗୋବିନ୍ଦ ମୁଣ୍ଡା ଓ ଉମେଶ ଧରୁଆ ସହଯୋଗ କରିଥିଲେ। ମା' ବନ୍ଦ୍ରେନ ଫୁଟବଲ କ୍ଲବର ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଜାତୀୟ ଖାଉଟି ଦିବସ ପାଳିତ

**ବଲାଙ୍ଗୀର ଅଫିସ,୨୪।୧୨**

ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଭବନ ସଭାଗୃହରେ ଶୁକ୍ରବାର ଜାତୀୟ ଖାଉଟି ଦିବସ ପାଳିତ ହୋଇଯାଇଛି । ଜିଲା ସଭାପତି ଗୋପବନ୍ଧୁ ଶତପଥୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବଲାଙ୍ଗୀର ଭୀମଭୋଇ ମେଡିକାଲ ଓ ହସ୍‌ପିଟାଲର ଡେପୁଟି ସୁପରିଟେଣ୍ଡେଣ୍ଟ ଡ. ମୁରଲୀଧର ପାଣିଗ୍ରାହୀ ଯୋଗଦେଇ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡିଶା ସରକାର ନେଇଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଗ୍ରାହକ ସଚେତନ ହୋଇ ସଙ୍ଗଠିତ ହେଲେ ନିଜର ହକ୍ ପାଇପାରିବେ ବୋଲି କହିଥିଲେ। ରାଜ୍ୟ ଉପସଭାପତି ଶଶୀଭୂଷଣ ପୁରୋହିତ ବକ୍ତା ଭାବରେ ଯୋଗଦେଇ ଖାଉଟି ଦିବସର ତାତ୍ପର୍ଯ୍ୟ ବିଷୟରେ କହିଥିଲେ। ପଞ୍ଚାୟତ ଉପଦେଷ୍ଟା ମଗନଲାଲ ଅଗ୍ରୱାଲ ଓ ପ୍ରଚାର ପ୍ରସାର ପ୍ରମୁଖ ଇଂ କିଶୋର ମୋହନ ମିଶ୍ର ,କାର୍ଯ୍ୟକାରିଣୀ ସଦସ୍ୟା ରଞ୍ଜିତା ମିଶ୍ର, ସଞ୍ଜୁକ୍ତା ମିଶ୍ର ବକ୍ତବ୍ୟ ରଖିଥିଲେ। ସାଧାରଣ ସମ୍ପାଦକ ଅଶୋକ କୁମାର ମିଶ୍ର ବିବରଣୀ ପ୍ରଦାନ କରିଥିଲେ। ଶେଷରେ ସହସମ୍ପାଦକ ମାଳତୀ ଉଦ୍‌ଗାତା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଚାର ପ୍ରସାର ପ୍ରମୁଖ ମିଶ୍ର ପୂର୍ବରୁ ପ୍ରସ୍ତାବିତ ଅଶୋକ କୁମାର ମିଶ୍ର (ଖ)ଙ୍କୁ ସଙ୍ଗଠନ ସମ୍ପାଦକ ଦାୟିତ୍ୱ ଦିଆଯିବା ସମ୍ପର୍କରେ ଘୋଷଣା କରିଥିଲେ।

# ଚୟନ ସତ୍ତ୍ୱେ ହିତାଧିକାରୀଙ୍କୁ ମିଳୁନି ଘର

**ବରଗଡ଼ ଅଫିସ୍,୨୪।୧୨**

ବରଗଡ଼ ଜିଲା ଭଟଲି ବ୍ଲକ ଉର୍ଦ୍ଦୁନା ପଞ୍ଚାୟତ ଅଧୀନ ୱାର୍ଡ଼ ନଂ-୭ ଜୁନାଡ଼ିହିର ହାରାବତୀ କୁମ୍ଭାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ଭାବେ ଚୟନ ହୋଇଥିଲେ ମଧ ତାଙ୍କୁ ଏଯାଏ ଘର ମିଳିନାହିଁ। ସେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବାକୁ ୨୦୧୯-୨୦ବର୍ଷରେ ମନୋନୀତ ହୋଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ତାଙ୍କୁ ଘର ମିଳି ନ ଥିବା ସେ ଅଭିଯୋଗ କରିଛନ୍ତି। ଫଳରେ ହାରାବତୀ ଭଙ୍ଗାଦଦରା ଘରେ ସପରିବାର ରହୁଛନ୍ତି। ସରକାରଙ୍କ ଗୃହ ନିର୍ମାଣ ଯୋଜନାରେ ଆବେଦନ କରିବା ପରେ ସରକାରଙ୍କ ହାରାବତୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ଘର ଯୋଗାଇ ଦେବା ପାଇଁ ମନୋନୀତ କରାଯାଇଥିଲା। ଏ ନେଇ ପଞ୍ଚାୟତ



ଭଙ୍ଗା ଦଦରା ଘରେ ବୃଦ୍ଧ ଦମ୍ପତି।

### ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବାଟବଣା

ଅଫିସ କାନ୍ଥରେ ଏକ ନୋଟିସରେ ନାମ ମଧ୍ୟ ପ୍ରକାଶ ପାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ସେହି ନୋଟିସ ତ ହଟି ଯାଇଥିଲା ଏବଂ ହାରାବାତୀଙ୍କୁ ଆଉ ଘର ମଧ୍ୟ ମିଳି ନ ଥିଲା ବୋଲି ଜୟପ୍ରକାଶ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଭଟଲି ବିଡ଼ିଓ ଧିରେନ୍ଦ୍ର ସେଠୀଙ୍କୁ ପଚାରିବାରୁ ସେ ସମ୍ପର୍କରେ ସୂଚନା ମିଳିନାହିଁ। ଏ ନେଇ ଅଭିଯୋଗ ମିଳିଲେ ତଦନ୍ତ କରି ବିହିତ ପଦକ୍ଷେପ ନେବି ବୋଲି ବିଡ଼ିଓ ସେଠୀ କହିଥିଲେ ।

# ଯୋଗ୍ୟ ହିତାଧିକାରୀ ଘର ନ ପାଇବା ପ୍ରଶାସନର ଅପାରଗତା

**ବୌଦ୍ଧ,୨୪।୧୨(ସ୍ୱ.ପ୍ର.)**

### ଭାଜପାର ଖବରଦାତା ସମ୍ମିଳନୀ

ବୌଦ୍ଧ ଜିଲା ଭାଜପା ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଭାଜପା କାର୍ଯ୍ୟାଳୟ ଠାରେ ଜିଲା ସଭାପତି ବିପ୍ରଚରଣ ମହାନ୍ତିଙ୍କ ଅଧକ୍ଷତାରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ସଭାପତି ମହାନ୍ତି ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସଯୋଜନା ଓ ବିଜୁ ପକ୍କାଘର ଯୋଜନାରେ ଆବାସ ମରାମତି ପାଇଁ ଟଙ୍କା ଦେବାର ଘୋଷଣା ଏକ ନାଟକ ବୋଲି କହିଛନ୍ତି। ଗରିବଙ୍କ ପାଇଁ ରାଜନୀତି ନ ହେଉ ବୋଲି କହିଥିଲେ। ବୌଦ୍ଧ ଜିଲାରେ ହୋଇଥିବା ଆବାସ ଦୁର୍ନୀତିର ତଦନ୍ତ ନ ହୋଇ ଏବେ ବି ପଡି ରହିଥିବା କହିଥିଲେ। ଏହା ସହ ବୌଦ୍ଧ ଜିଲାରେ ଏବେ ବି ବହୁ ଗରିବ ପରିବାର ଘର ନ ପାଇ ବହୁ କଷ୍ଟରେ ରହୁଥିବା ବେଳେ ପ୍ରଶାସନ ପକ୍ଷରୁ ଆବାସ ପ୍ଲସ ୱେବସାଇଟରେ ୬ଥର ସମୟ ସୀମା ବୃଦ୍ଧି ପରେ ବି ତାଲିକା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କହିବା ସହ ବୌଦ୍ଧ ଜିଲାରେ ଯୋଗ୍ୟ ହିତାଧିକାରୀ ଏବେ ବି ଘର ନ ପାଇବା ପ୍ରଶାସନର ଅପାରଗତା ବୋଲି କହିଥିଲେ। ଜିଲାରେ ଜାଗା ମିସନରେ ବହୁ ହିତାଧିକାରୀ ଜାଗା ନ ପାଇଥିବା ମଧ୍ୟ ଅଭିଯୋଗ କରିଥିଲେ। ଆଗାମୀ ଦିନରେ ଜିଲାରେ ଯେପରି ଯୋଗ୍ୟ ହିତାଧିକାରୀ ଗୃହରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ଭାଜପା ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ତାପସ କୁମାର ପଟ୍ଟନାୟକ, ମନୋରଞ୍ଜନ ଦାସ, ପ୍ରେମାନନ୍ଦ ମିଶ୍ର, ନମିତାରଣୀ ଦାସ ଓ ମିନାରାଣୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

